PRGI. REGD. NO: ORORI/25/A2124

# ନିର୍ଭୀକ ଆମ ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD

● Vol -1 ● Issue - 12 ● June 01 - 15, 2026 ● Bhubaneswar ● Rs. 5 ● Pages - 08 ● Fortnightly
● ଭାଗ-୧ ● ସଂଖ୍ୟା-୧୨ ● ଜୁନ୍ ୦୧ - ୧୫, ୨୦୨୬ ● ଭୁବନେଶ୍ୱର ● ମୂଲ୍ୟ ୫.୦୦ ଟଙ୍କା ● ପୃଷ୍ଠା ସଂଖ୍ୟା -୦୮ ● ପାକ୍ଷିକ




- ୪ ବର୍ଷ ଧରି ମିଳୁନି ଗ୍ରାଚ୍ୟୁଇଟି, ଅବସର ପରେ ବି ପ୍ରାପ୍ୟ ପାଇଁ ସଂଘର୍ଷ
- ଓଡ଼ିଶା ଖାଉଟି ସମବାୟ ମହାସଂଘକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ଗୀତାଞ୍ଜଳୀ ପାତ୍ର
- ସମବାୟ ବିଭାଗର ବିଚିତ୍ର ଅବସ୍ଥା
- ୧୦ ଲକ୍ଷ ଟଙ୍କା ପାଇଁ ଚାରିବର୍ଷ ଧରି ଦ୍ୱାରେ ଦ୍ୱାରେ ଘୁରୁଛନ୍ତି ପୂର୍ବତନ ବ୍ରାଞ୍ଚ ମ୍ୟାନେଜର

# ଗ୍ରାଚ୍ୟୁଇଟି ପାଇଁ
# ଗୀତାଞ୍ଜଳୀଙ୍କ ଗୀତାପାଠ !

ଭୁବନେଶ୍ୱର (ସମବାୟ ସମ୍ବାଦ ବ୍ୟୁରୋ): ମଣିଷ ଜୀବନର ସବୁଠାରୁ କଷ୍ଟଦାୟକ ସମୟ ହେଉଛି ବୟସର ଅପରାହ୍ନ। ଯେତେବେଳେ ଶରୀର ଦୁର୍ବଳ ହୋଇଯାଏ, ରୋଗବାଲା ଘେରିଧରେ ଓ ଆର୍ଥିକ ସାହାଯ୍ୟ ହିଁ ଜୀବନର ଏକମାତ୍ର ଆଶ୍ରୟ ହୋଇ ପଡ଼େ। ଏମିତି ସମୟରେ ଯଦି ଜଣେ ସରକାରୀ କିମ୍ବା ସମବାୟ ସଂସ୍ଥାର କର୍ମଚାରୀ ନିଜ ଜୀବନର ସମସ୍ତ ପରିଶ୍ରମ ପରେ ମଧ୍ୟ ନିଜ ପ୍ରାପ୍ୟ ଟଙ୍କା ପାଇଁ ଦ୍ୱାରେ ଦ୍ୱାରେ ଘୁରିବାକୁ ବାଧ୍ୟ ହୁଅନ୍ତି, ତାହା ସମାଜ ପାଇଁ ନିଶ୍ଚୟ ଏକ ଦୁଃଖଦ ଓ ଚିନ୍ତାଜନକ ଘଟଣା। ଏଭଳି ଏକ ଘଟଣା ବର୍ତ୍ତମାନ ଓଡ଼ିଶା ଖାଉଟି ସମବାୟ ମହାସଂଘ ଲିମିଟେଡ୍‌କୁ ନେଇ ସାମ୍ନାକୁ ଆସିଛି, ଯେଉଁଠାରେ ସଂସ୍ଥାର ପୂର୍ବତନ କର୍ମଚାରୀ ଗୀତାଞ୍ଜଳୀ ପାତ୍ର ନିଜ ଗ୍ରାଚ୍ୟୁଇଟି ପ୍ରାପ୍ୟ ପାଇଁ ଦୀର୍ଘ ଚାରିବର୍ଷ ଧରି ସଂଘର୍ଷ କରୁଛନ୍ତି।

ଗୀତାଞ୍ଜଳୀ ପାତ୍ର ୧୯୮୨ ମସିହାରେ ଓଡ଼ିଶା ଖାଉଟି ସମବାୟ ମହାସଂଘରେ କିରାଣୀ ଭାବରେ ଯୋଗଦେଇଥିଲେ। ସେ ସମୟରେ ସମବାୟ ସଂସ୍ଥାରେ ଚାକିରି କରିବା ଏକ ସମ୍ମାନଜନକ କଥା ମନାଯାଉଥିଲା। ଗୀତାଞ୍ଜଳୀ ମଧ୍ୟ ନିଜ କାର୍ଯ୍ୟକୁ ନିଷ୍ଠା ସହ କାର୍ଯ୍ୟ କରି ସଂସ୍ଥାର ଉନ୍ନତି ପାଇଁ ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ ଦେଇଥିଲେ। ଚାକିରି ଜୀବନରେ ସେ ପୁରୀ ବ୍ରାଞ୍ଚ, ଭଞ୍ଜପ୍ରଭା ବ୍ରାଞ୍ଚ ସହିତ ବିଭିନ୍ନ ସ୍ଥାନରେ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। ପରେ ତାଙ୍କର କାର୍ଯ୍ୟଦକ୍ଷତାକୁ ଦେଖି ସେ ପ୍ରମୋସନ ପାଇ ଇନ୍ଦ୍ରଧନୁ ମାର୍କେଟ୍ ବ୍ରାଞ୍ଚରେ ବ୍ରାଞ୍ଚ ମ୍ୟାନେଜର ଭାବରେ ଦାୟିତ୍ୱ ନିଭାଇଥିଲେ।

ପାଞ୍ଚ ବର୍ଷ ଧରି ବ୍ରାଞ୍ଚ ମ୍ୟାନେଜର ଭାବରେ ସଫଳତାର ସହ କାର୍ଯ୍ୟ କରିବା ପରେ ସେ ୨୦୨୨ ମସିହା ଫେବୃୟାରୀ ମାସରେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଅବସର ପରେ ସାଧାରଣତଃ ଜଣେ କର୍ମଚାରୀ ନିଜ ପେନସନ, ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ପ୍ରାପ୍ୟ ପାଇ ଶାନ୍ତିରେ ଜୀବନ କାଟିବାକୁ ଆଶା କରନ୍ତି। କିନ୍ତୁ ଗୀତାଞ୍ଜଳୀଙ୍କ ଜୀବନରେ ତାହା ଘଟିନାହିଁ। ଅବସର ପାଇଥିବାର ଚାରିବର୍ଷ ହେବାକୁ ଯାଉଥିଲେ ମଧ୍ୟ ସେ ଏପର୍ଯ୍ୟନ୍ତ ତାଙ୍କର ପ୍ରାପ୍ୟ ଗ୍ରାଚ୍ୟୁଇଟି ଟଙ୍କା ପାଇପାରିନାହାନ୍ତି। ସୂଚନା ଅନୁସାରେ, ପ୍ରାୟ ୧୦ ଲକ୍ଷ ଟଙ୍କା ଗ୍ରାଚ୍ୟୁଇଟି ବାବଦରେ ତାଙ୍କର ମିଳିବାକୁ ଥିବା ବେଳେ ସେହି ଟଙ୍କା ଆଜି ପର୍ଯ୍ୟନ୍ତ ଅଟକି ରହିଛି।

ଏହାଠାରୁ ଅଧିକ ଦୁଃଖର କଥା ହେଉଛି, ଗୀତାଞ୍ଜଳୀ ନିଜ ପ୍ରାପ୍ୟ ପାଇଁ ଗତ ଚାରିବର୍ଷ ଧରି ପରିଚାଳନା ନିର୍ଦ୍ଦେଶକଙ୍କ ଅଫିସକୁ ବହୁବାର ଦୌଡ଼ିଛନ୍ତି। ସେ ଲିଖିତ ଭାବରେ ଅନେକ ଆବେଦନ ଦେଇଛନ୍ତି, ଅନୁରୋଧ କରିଛନ୍ତି, କିନ୍ତୁ ତାଙ୍କର ଅଭିଯୋଗ ଉପରେ କୌଣସି ସ୍ପଷ୍ଟ ପଦକ୍ଷେପ ନିଆଯାଇନାହିଁ। ପ୍ରତିଥର ସେ ଆଶା ନେଇ ଯାଇଥିଲେ ମଧ୍ୟ ନିରାଶ ହୋଇ ଫେରିଆସୁଛନ୍ତି। ଏହାକୁ ନେଇ ଏବେ ସମବାୟ ପ୍ରେମୀଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଗୀତାଞ୍ଜଳୀଙ୍କ ପରେ ଯେଉଁ କର୍ମଚାରୀମାନେ ଅବସର ନେଇଛନ୍ତି ସେମାନଙ୍କ ମଧ୍ୟରୁ ଅନେକେ ନିଜର ଗ୍ରାଚ୍ୟୁଇଟି ଟଙ୍କା ପାଇସାରିଛନ୍ତି। ତେବେ ଗୀତାଞ୍ଜଳୀଙ୍କ ମାମଲାରେ ଏପରି ବିଳମ୍ବ କାହିଁକି ହେଉଛି ତାହା ନେଇ ସାଧାରଣରେ ଅନେକ ପ୍ରଶ୍ନ ଉଠୁଛି। ଯଦି ସଂସ୍ଥାର ଆର୍ଥିକ ସମସ୍ୟା ଥାଆନ୍ତା, ତେବେ ଅନ୍ୟ କର୍ମଚାରୀମାନେ କିପରି ଟଙ୍କା ପାଇଲେ? ଏବଂ ଯଦି ଅନ୍ୟମାନେ ପାଇଛନ୍ତି, ତେବେ ଗୀତାଞ୍ଜଳୀଙ୍କୁ ବଞ୍ଚିତ ରଖାଯାଉଛି କାହିଁକି? ଏହା ନିଶ୍ଚୟ ଏକ ଗୁରୁତର ପ୍ରଶ୍ନ।

ସମବାୟ ସଂସ୍ଥାମାନେ ସାଧାରଣ ଲୋକଙ୍କ ଆର୍ଥିକ ସୁରକ୍ଷା ଓ ସମାଜିକ ଉନ୍ନତି ପାଇଁ ଗଢ଼ାଯାଇଥାଏ। କିନ୍ତୁ ଯେଉଁ ସଂସ୍ଥାରେ ଜଣେ କର୍ମଚାରୀ ନିଜର ସମଗ୍ର ଜୀବନ ଦେଇ କାମ କରିଛନ୍ତି, ସେଠାରେ ତାଙ୍କୁ ଅବସର ପରେ ନିଜ ପ୍ରାପ୍ୟ ପାଇଁ ଦୌଡ଼ିବାକୁ ପଡୁଥିବା ଘଟଣା ନିଶ୍ଚୟ ଦୁର୍ଭାଗ୍ୟଜନକ। ଏହା କେବଳ ଗୀତାଞ୍ଜଳୀଙ୍କ ବ୍ୟକ୍ତିଗତ ଯନ୍ତ୍ରଣା ନୁହେଁ, ବରଂ ସମବାୟ ବ୍ୟବସ୍ଥାର ପ୍ରଶାସନିକ ଅବହେଳାର ଏକ ଚିତ୍ର ଭାବରେ ମଧ୍ୟ ଦେଖାଯାଉଛି।

ବୟସ ବଢ଼ିବା ସହିତ ଗୀତାଞ୍ଜଳୀ ବର୍ତ୍ତମାନ ଅସୁସ୍ଥତାରେ ଭୁଗୁଛନ୍ତି। ଡାକ୍ତରୀ ଚିକିତ୍ସା ଓ ଔଷଧ ଖର୍ଚ୍ଚ ପ୍ରତିମାସରେ ବଢ଼ିଚାଲିଛି। କିନ୍ତୁ ସେ ପାଉଥିବା ପେନସନ ମାତ୍ର ୩୦୦୦ ଟଙ୍କା ଥିବାରୁ ତାହାରେ ଘର ଚାଲାଇବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଏମିତି ସ୍ଥିତିରେ ଗ୍ରାଚ୍ୟୁଇଟି ଟଙ୍କା ହିଁ ତାଙ୍କର ଏକମାତ୍ର ଆଶା। କିନ୍ତୁ ସେହି ଟଙ୍କା ମଧ୍ୟ ଯଦି ବର୍ଷରୁ ବର୍ଷ ଅଟକି ରହେ, ତେବେ ଜଣେ ଅବସରପ୍ରାପ୍ତ କର୍ମଚାରୀ କେମିତି ଜୀବନ ଯାପନ କରିବେ, ସେଥି ଅନୁମାନ କରିବା କଷ୍ଟକର ନୁହେଁ।

ଗୀତାଞ୍ଜଳୀଙ୍କ ଅଭିଯୋଗ ଅନୁସାରେ, ସେ ଅନେକଥର ମହାସଂଘର ପରିଚାଳନା ନିର୍ଦ୍ଦେଶକଙ୍କୁ ନିଜ ଅବସ୍ଥା ବିଷୟରେ ଜଣାଇଥିଲେ। କିନ୍ତୁ ପ୍ରତିଥର ତାଙ୍କୁ ଖାଲି ଆଶ୍ୱାସନ ମିଳିଛି। କୌଣସି ନିଷ୍ପତ୍ତି ହୋଇନାହିଁ। ଏହାକୁ ନେଇ ଏବେ ସମବାୟ କର୍ମଚାରୀମାନଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ଅନେକଙ୍କ ମତରେ, ଜଣେ ମହିଳା କର୍ମଚାରୀଙ୍କ ସହ ଏଭଳି ଅବହେଳା ହେବା ଉଚିତ୍ ନୁହେଁ।

ଏହି ଘଟଣାକୁ ନେଇ ସାଧାରଣ ଲୋକମାନେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଯଦି ଜଣେ କର୍ମଚାରୀ ୪୦ ବର୍ଷରୁ ଅଧିକ ସମୟ ସଂସ୍ଥା ପାଇଁ କାମ କରିବା ପରେ ନିଜର ପ୍ରାପ୍ୟ ପାଇଁ ଏତେ ହେରାଣ ହୁଅନ୍ତି, ତେବେ ଏହା ସଂସ୍ଥାର ପ୍ରଶାସନିକ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି। ସମବାୟ ବିଭାଗର ଉଚ୍ଚ ଅଧିକାରୀମାନେ ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି।

ଏବେ ପ୍ରତ୍ୟେକ ଦିନ ଗୀତାଞ୍ଜଳୀ ଙ୍କ ଗୀତା ପାଠ ଚାଲିଛି, କେବେ ମିଳିବ ବକେୟା ରାଶି । ଆଇନ ଅନୁସାରେ ମଧ୍ୟ ଜଣେ କର୍ମଚାରୀଙ୍କୁ ଅବସର ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଗ୍ରାଚ୍ୟୁଇଟି ଟଙ୍କା ଦେବା ନିୟମ ରହିଛି। ଏଥିରେ ବିଳମ୍ବ ହେଲେ ସଂସ୍ଥାକୁ ସୁଧ ଦେବାକୁ ମଧ୍ୟ ପଡ଼ିପାରେ। ତେବେ ଗୀତାଞ୍ଜଳୀଙ୍କ ମାମଲାରେ ଏତେ ବର୍ଷ ଧରି କାହିଁକି ନିରବତା ରହିଛି, ତାହା ନେଇ ଏବେ ସମସ୍ତଙ୍କ ଦୃଷ୍ଟି ଓଡ଼ିଶା ଖାଉଟି ସମବାୟ ମହାସଂଘ ଉପରେ ରହିଛି।

ଗୀତାଞ୍ଜଳୀଙ୍କ ନିକଟତମ ଲୋକମାନଙ୍କ କହିବା ଅନୁସାରେ, ସେ ବର୍ତ୍ତମାନ ମାନସିକ ଭାବେ ମଧ୍ୟ ଭାଙ୍ଗିପଡ଼ିଛନ୍ତି। ଦୀର୍ଘଦିନ ଧରି ଅଫିସଙ୍କ ଚାରି ପାଖରେ ଚକ୍କର କଟିବା, ଅନୁରୋଧ କରିବା ଓ ନିରାଶ ହୋଇ ଫେରିଆସିବା ତାଙ୍କୁ ମାନସିକ ଭାବେ କ୍ଳାନ୍ତ କରିଦେଇଛି। ତଥାପି ସେ ଆଶା ଛାଡ଼ିନାହାନ୍ତି। ନିଜ ଜୀବନର ପରିଶ୍ରମର ଟଙ୍କା ନିଶ୍ଚୟ ଦିନେ ନା ଦିନେ ମିଳିବ ବୋଲି ସେ ଆଜି ମଧ୍ୟ ଆଶା ରଖିଛନ୍ତି।

ଏହି ପ୍ରସଙ୍ଗରେ ଏବେ ପ୍ରଶ୍ନ ଉଠୁଛି —

ଗୀତାଞ୍ଜଳୀଙ୍କ ଗ୍ରାଚ୍ୟୁଇଟି ଟଙ୍କା ଦେବାରେ ଏତେ ବିଳମ୍ବ କାହିଁକି?

ପରିଚାଳନା ନିର୍ଦ୍ଦେଶକ କାହିଁକି ଏହି ବିଷୟରେ ସ୍ପଷ୍ଟ ମତ ଦେଉନାହାନ୍ତି ? ଏବେ ସାଧାରଣ ରେ ପ୍ରଶ୍ନ, ୧୦ ଲକ୍ଷ୍ୟ ପାଇଁ କେତେ ଟଙ୍କା ଲାଞ୍ଚ ଦରକାର ?

ଜଣେ ଅବସରପ୍ରାପ୍ତ ମହିଳା କର୍ମଚାରୀଙ୍କ ସହ ଏଭଳି ଅବହେଳା କେତେଦୂର ଯୁକ୍ତିସଂଗତ?

ଏବଂ ସବୁଠାରୁ ବଡ଼ କଥା, ଗୀତାଞ୍ଜଳୀ କେବେ ନିଜ ପ୍ରାପ୍ୟ ପାଇବେ?

ଏବେ ଦେଖିବାକୁ ବାକି ରହିଲା, ଓଡ଼ିଶା ଖାଉଟି ସମବାୟ ମହାସଂଘର ପରିଚାଳନା କର୍ତ୍ତୃପକ୍ଷ ଏହି ଘଟଣାକୁ କେତେ ଗୁରୁତ୍ୱର ସହ ନେଉଛନ୍ତି ଓ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ତାଙ୍କର ନ୍ୟାୟସଂଗତ ପ୍ରାପ୍ୟ କେବେ ପ୍ରଦାନ କରୁଛନ୍ତି ।

■ **ସମବାୟ ବିଭାଗରେ ଏବେ ନୂଆ ନୀତି !**
କର୍ମଚାରୀ ଗ୍ରାଚୁଏଟି ପାଇବାକୁ ଆବେଦନ କଲେ ଫାଇଲ ଆଗକୁ ବଢୁନି, କିନ୍ତୁ "ଗୀତା ପାଠ" ହେଲେ ମଝୀ ଫାଇଲ ଖୋଲୁନି ।




■ **ସମବାୟ ବିଭାଗର ବିଚିତ୍ର ଅବସ୍ଥା**
ଏବେ ସାଧାରଣ ଆଲୋଚନାର ବିଷୟ । କେଉଁଠି ଗ୍ରାଚୁଏଟି ଫାଇଲ ମାସ ମାସ ଧରି ପଡ଼ି ରହୁଛି ତ ଆଉ କେଉଁଠି ନିୟମ କାନୁନକୁ ଅଣଦେଖା କରି ଫାଇଲ ରାତିରେ ପାସ୍ ହେଉଛି ।





■ **ଅଭିଯୋଗ ହେଉଛି, ପରିଚାଳନା ନିର୍ଦ୍ଦେଶକ** ଆଇନ ଠାରୁ ଲାଞ୍ଚ କାରବାର ଓ ସେଟିଂ କୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଫଳରେ କର୍ମଚାରୀମାନଙ୍କ ମନରେ ଅସନ୍ତୋଷ ବଢୁଛି ।




■ **କର୍ମଚାରୀଙ୍କ ମଧ୍ୟରେ ଆଉ ଏକ ଚର୍ଚ୍ଚା –** ପ୍ରତ୍ୟେକ ଫାଇଲର ପରିଚାଳନା ନିର୍ଦ୍ଦେଶକଙ୍କ ନିଜସ୍ୱ ଦର ଅଛି କି ?




■ **ଜଣେ ବରିଷ୍ଠ କର୍ମଚାରୀ ବ୍ୟଙ୍ଗ କରି କହିଲେ –** ଗ୍ରାଚୁଏଟି ପାଇବାକୁ ଏବେ ସର୍ଭିସ ବୁକ୍ ନୁହେଁ, ଗୀତା ବହି ଦରକାର !




**ସମବାୟ ବିଭାଗରେ ଏଭଳି ଅବସ୍ଥା ଚାଲିଥିଲେ, କର୍ମଚାରୀଙ୍କ ଆସ୍ଥା ଓ ପାରଦର୍ଶିତା ଦୁହିଁ ପ୍ରଶ୍ନର ସମ୍ମୁଖୀନ ହେବ ବୋଲି ମତ ପ୍ରକାଶ ପାଉଛି ।**



# ରାଜ୍ୟ ଖବର



## ସମବାୟ ସଂସ୍ଥାଗୁଡ଼ିକର କାର୍ଯ୍ୟଦକ୍ଷତା ଓ ବ୍ୟବସାୟିକ ବିବିଧକରଣ ଉପରେ ଗୁରୁତ୍ୱ

### ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ PACS, RCMS ଗୋଦାମ ଓ ସମବାୟ ସୁପରବଜାର ପରିଦର୍ଶନ କଲେ ଅତିରିକ୍ତ ଶାସନ ସଚିବ

ଭୁବନେଶ୍ୱର: ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି (**PACS**) ଓ ସମବାୟ ସଂସ୍ଥାଗୁଡ଼ିକର ପରିଦର୍ଶନ କରି ସେମାନଙ୍କର କାର୍ଯ୍ୟପ୍ରଣାଳୀ, ବ୍ୟବସାୟିକ ସ୍ଥିତି ଓ ସଦସ୍ୟମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ବ୍ୟାପକ ସମୀକ୍ଷା କରିଛନ୍ତି। ଏହି ଗସ୍ତ ଅବସରରେ ସେ ଗାରେଡ଼ିପାଞ୍ଚଣ, ମାଝୀହାରା, ସରାଟ ଏବଂ ଶିଶୁପାଳଗଡ଼ ଚଇଉଝ ସମେତ ବାଲିଅନ୍ତାସ୍ଥିତ ଜଉଗଝ ଗୋଦାମ ଓ ଭୁବନେଶ୍ୱର ସମବାୟ ସୁପରବଜାର ପରିଦର୍ଶନ କରିଥିଲେ।ପରିଦର୍ଶନ ସମୟରେ ଅତିରିକ୍ତ ଶାସନ ସଚିବ ସମିତିଗୁଡ଼ିକର ଆର୍ଥିକ ଅବସ୍ଥା, ସଦସ୍ୟ ସେବା, କୃଷି ଉପକରଣ ବଣ୍ଟନ, ସାର ଓ ବିହନ ସଂରକ୍ଷଣ ବ୍ୟବସ୍ଥା, ଗୋଦାମ ପରିଚାଳନା ଓ ଚାଷୀମାନଙ୍କ ପାଇଁ ଚାଲୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକାରୀ ଏବଂ ସମିତି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ।ସେ ବିଶେଷ କରି ବିଭାଗର ମୁଖ୍ୟ କାର୍ଯ୍ୟକ୍ରମଗୁଡ଼ିକ ଯଥା ଲାଭାଂଶ ବଣ୍ଟନ, ଆସନ୍ତା ମେଗା ସଦସ୍ୟତା ଅଭିଯାନର ସଫଳ ଆୟୋଜନ, ସମବାୟ ସମିତିମାନଙ୍କର ବ୍ୟବସାୟିକ ବିବିଧକରଣ ଓ ଆତ୍ମନିର୍ଭରତା ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ, କେବଳ ପାରମ୍ପରିକ ଋଣ ଓ ସାର ବଣ୍ଟନ କାର୍ଯ୍ୟରେ ସୀମିତ ନ ରହି ସମିତିଗୁଡ଼ିକୁ ନୂତନ




ବ୍ୟବସାୟିକ କ୍ଷେତ୍ରରେ ପ୍ରବେଶ କରିବାକୁ ପଡ଼ିବ, ଯାହା ଦ୍ୱାରା ସଦସ୍ୟ ଓ ଚାଷୀମାନେ ଅଧିକ ସୁବିଧା ପାଇପାରିବେ।ଆଗାମୀ ଚାଷ ଋତୁକୁ ଦୃଷ୍ଟିରେ ରଖି ସାରର ଆଗୁଆ ମହଜୁଦ, ସଠିକ ସଂରକ୍ଷଣ ଓ ସମୟୋପଯୋଗୀ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିହନ ବ୍ୟବସାୟର ସୁପରିଚାଳନା ଓ ଉତ୍ତମ ମାନର ବିହନ ଚାଷୀମାନଙ୍କ ପାଖରେ ସମୟରେ ପହଞ୍ଚିବା ନିମନ୍ତେ ସମିତିଗୁଡ଼ିକୁ ସଚେତନ ଓ ସକ୍ରିୟ ରହିବାକୁ ପରାମର୍ଶ ଦେଇଥିଲେ।ବାଲିଅନ୍ତାସ୍ଥିତ **RCMS** ଗୋଦାମ ପରିଦର୍ଶନ ସମୟରେ ସେ ଗୋଦାମର ସଂରକ୍ଷଣ କ୍ଷମତା, ସୁରକ୍ଷା ବ୍ୟବସ୍ଥା ଓ ସାମଗ୍ରୀ ପରିଚାଳନା ବିଷୟରେ ସମୀକ୍ଷା କରିଥିଲେ। ଭୁବନେଶ୍ୱର ସମବାୟ ସୁପରବଜାରରେ ସେ ଉପଭୋକ୍ତା ସେବା, ବିକ୍ରୟ ପ୍ରଣାଳୀ ଓ ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ ସୁବିଧାଗୁଡ଼ିକୁ ଅନୁଧ୍ୟାନ କରିଥିଲେ।ଏହି ଗସ୍ତ ସମୟରେ ବିଭାଗୀୟ ଅଧିକାରୀ, ସମିତିର ସଭାପତି, ସମ୍ପାଦକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସମବାୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼, ସଦସ୍ୟମୁଖୀ ଓ ଆର୍ଥିକ ଭାବେ ସକ୍ଷମ କରିବା ଦିଗରେ ଏହି ପରିଦର୍ଶନ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ମତ ପ୍ରକାଶ ପାଇଛି।

### ରବି ଋତୁର ତୈଳବୀଜ ଓ ଡାଲିଜାତୀୟ ଶସ୍ୟ ସଂଗ୍ରହ ଆରମ୍ଭ

## ୨,୬୭୦ ଚାଷୀଙ୍କ ପଞ୍ଜୀକରଣ, ୨୫୯ ମଣ୍ଡି ମଧ୍ୟରୁ ୬୦ଟିରେ କାର୍ଯ୍ୟ ଆରମ୍ଭ

ଭୁବନେଶ୍ୱର:ରାଜ୍ୟର ଚାଷୀମାନଙ୍କୁ ତାଙ୍କର ଉତ୍ପାଦିତ ତୈଳବୀଜ ଓ ଡାଲିଜାତୀୟ ଶସ୍ୟର ନ୍ୟାୟସଙ୍ଗତ ମୂଲ୍ୟ ପ୍ରଦାନ ସହିତ ସରକାରୀ ସହାୟତାର ଲାଭ ପହଞ୍ଚାଇବା ଉଦ୍ଦେଶ୍ୟରେ ୨୦୨୫-୨୬ ରବି ଋତୁ ପାଇଁ ଶସ୍ୟ ସଂଗ୍ରହ ପ୍ରକ୍ରିୟାକୁ ସମବାୟ ବିଭାଗ ଆରମ୍ଭ କରିଛି। ଏହି ସଂଗ୍ରହ କାର୍ଯ୍ୟକ୍ରମ ମାର୍କଫେଡ୍ ଓ କୃଷି ସମବାୟ ସମିତି (**PACS/ LAMPCS**) ମାଧ୍ୟମରେ ରାଜ୍ୟବ୍ୟାପୀ ଭାବେ ସୁଚାରୁ ଭାବେ ପରିଚାଳିତ ହେଉଛି।ଚାଷୀମାନଙ୍କ ସୁବିଧା ଓ ପାରଦର୍ଶିତାକୁ ଗୁରୁତ୍ୱ ଦେଇ ସରକାର ଏହି ସଂଗ୍ରହ ପ୍ରକ୍ରିୟାକୁ ସହଜ, ଦ୍ରୁତ ଓ ବ୍ୟବସ୍ଥିତ କରିବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଯାବତ୍ ମୋଟ ୨,୬୭୦ ଜଣ ଚାଷୀ ଏହି ଅଭିଯାନରେ ପଞ୍ଜୀକରଣ କରି ସରକାରୀ ଶସ୍ୟ ସଂଗ୍ରହ ବ୍ୟବସ୍ଥା ସହ ଯୋଡ଼ିତ ହୋଇଛନ୍ତି। ଏହା ଚାଷୀମାନଙ୍କ ମଧ୍ୟରେ ସରକାରୀ କ୍ରୟ ବ୍ୟବସ୍ଥା ପ୍ରତି ବୃଦ୍ଧି ପାଉଥିବା ବିଶ୍ୱାସର ପ୍ରତିଫଳନ ବୋଲି କୁହାଯାଉଛି।ସମଗ୍ର ରାଜ୍ୟରୁ ଏହି ରବି ଋତୁରେ ମୋଟ ୧,୮୧,୨୭୨ ମେଟ୍ରିକ୍ ଟନ୍ ତୈଳବୀଜ ଓ ଡାଲିଜାତୀୟ ଶସ୍ୟ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହା ଅନୁଯାୟୀ ବିଭିନ୍ନ ଜିଲ୍ଲାରେ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୦୩ ମେଟ୍ରିକ୍ ଟନ୍ ଶସ୍ୟ ସଂଗ୍ରହ ସଫଳତାର ସହିତ ସମ୍ପନ୍ନ ହୋଇଛି। ଆଗାମୀ ଦିନରେ ଚାଷୀମାନଙ୍କ ଭାଗିଦାରି ଆହୁରି ବଢ଼ିବ ବୋଲି ଆଶା କରାଯାଉଛି।ଶସ୍ୟ ସଂଗ୍ରହ କାର୍ଯ୍ୟକୁ ସୁଚାରୁ ଓ ଚାଷୀ-ବନ୍ଧବ କରିବା ପାଇଁ ରାଜ୍ୟରେ ଚିହ୍ନଟ ହୋଇଥିବା ମୋଟ ୨୫୯ଟି ମଣ୍ଡି ମଧ୍ୟରୁ ୬୦ଟି



ମଣ୍ଡିରେ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଅବଶିଷ୍ଟ ୧୯୯ଟି ମଣ୍ଡିକୁ ପର୍ଯ୍ୟାୟକ୍ରମେ ଖୁବ୍ ଶୀଘ୍ର ଖୋଲାଯିବା ପାଇଁ ପଦକ୍ଷେପ ନିଆଯାଉଛି। ମଣ୍ଡିଗୁଡ଼ିକରେ ଚାଷୀମାନଙ୍କ ପାଇଁ ପାନୀୟଜଳ, ଓଜନ ବ୍ୟବସ୍ଥା, ଶସ୍ୟ ଗୁଣବତ୍ତା ଯାଞ୍ଚ ଓ ଡିଜିଟାଲ ପଞ୍ଜୀକରଣ ଭଳି ବିଭିନ୍ନ ସୁବିଧା ସୁନିଶ୍ଚିତ କରାଯାଉଛି।ସମବାୟ ବିଭାଗ ପକ୍ଷରୁ ସମସ୍ତ ଯୋଗ୍ୟ ଚାଷୀଙ୍କୁ ନିଜ ନିକଟସ୍ଥ ଚଇଉଝ/ଖଇଗଚଉଝ ସହିତ ସମ୍ପର୍କ କରି ପଞ୍ଜୀକରଣ କରିବା ସହ ସରକାରୀ କ୍ରୟ ବ୍ୟବସ୍ଥାର ଲାଭ ଉଠାଇବା ପାଇଁ ଆହ୍ୱାନ କରାଯାଇଛି। ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା, ନ୍ୟାୟସଂଗତ ମୂଲ୍ୟ ପ୍ରଦାନ ଓ କୃଷି ଆର୍ଥିକତାକୁ ଆହୁରି ସୁଦୃଢ଼ କରିବା ଦିଗରେ ସରକାର ଦୃଢ଼ ସଙ୍କଳ୍ପବଦ୍ଧ ବୋଲି ସମବାୟ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି।

## ମୟୂରଭଞ୍ଜ ଲାମ୍ପସରେ ମହାଦୁର୍ନୀତିର ତଦନ୍ତ କେବେ ?'

ମୟୂରଭଞ୍ଜ:ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଲାମ୍ପସରେ ହୋଇଥିବା କୋଟି କୋଟି ଟଙ୍କାର ଅନିୟମିତତା ଓ ଆର୍ଥିକ ଦୁର୍ନୀତିକୁ ନେଇ ସମବାୟ ମହଲରେ ଏବେ ଭୟଙ୍କର ଚର୍ଚ୍ଚା। ଅଭିଯୋଗ ହେଉଛି, ସମବାୟ ନିବନ୍ଧକଙ୍କ ଅନୁମୋଦନ ବିନା କିଛି ଲାମ୍ପସରେ ଚାକିରି ଦିଆଯାଇଛି। ଏହାକୁ ନେଇ ସମବାୟ ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ଗୁରୁତର ପ୍ରଶ୍ନ ଉଠିଛି।ଚାଷୀଙ୍କ ନାମରେ ଆସୁଥିବା ସରକାରୀ ସହାୟତା, ଧାନ କ୍ରୟ, ସାର ବଣ୍ଟନ ଓ ଋଣ ପ୍ରଦାନରେ ଗୁରୁତର ଅନିୟମିତତା ହୋଇଥିବା ଅଭିଯୋଗ ଦୀର୍ଘଦିନ ଧରି ଆସୁଥିଲେ ମଧ୍ୟ ତଦନ୍ତ ଆଗକୁ ବଢୁନି।ସମବାୟ ବିଭାଗର କିଛି ବରିଷ୍ଠ ଅଧିକାରୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମିଳିତ ସହଯୋଗରେ ଫାଇଲ ଚାପି ଦିଆଯାଉଥିବା ଅଭିଯୋଗ ମଧ୍ୟ ଉଠୁଛି। ଅନେକ ଲାମ୍ପସର ଅଡିଟ ରିପୋର୍ଟରେ ଗୁରୁତର ଆପତ୍ତି ଥିଲେ ମଧ୍ୟ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କୌଣସି କଠୋର ପଦକ୍ଷେପ ଦେଖିବାକୁ ମିଳୁନାହିଁ।ପ୍ରଶ୍ନ ଉଠୁଛି —ଚାଷୀଙ୍କ ଟଙ୍କା ଗଲା କେଉଁଠି ?ନିୟମ ବାହାରେ ଚାକିରି ଦିଆଯାଇଛି କାହାକୁ ?କାହା ସୁରକ୍ଷାରେ ଚାଲିଛି ଏହି ଦୁର୍ନୀତି ?କେବେ ହେବ ନିରପେକ୍ଷ ଭିଜିଲାନ୍ସ କିମ୍ବା କ୍ରାଇମବ୍ରାଞ୍ଚ ତଦନ୍ତ ?ସମବାୟ ସଦସ୍ୟ ଓ ଚାଷୀମାନଙ୍କ ଦାବି, ମୟୂରଭଞ୍ଜର ସମସ୍ତ ସନ୍ଦେହଜନକ ଲାମ୍ପସର ଆର୍ଥିକ କାରବାର, ନିଯୁକ୍ତି ପ୍ରକ୍ରିୟା ଓ ଅଡିଟ ଆପତ୍ତିର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ।

## ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟଙ୍କ ପାଇଁ ୧୦ ବର୍ଷ ପରେ ୩ ବର୍ଷର କୁଲିଂ-ଅଫ୍ ନିୟମ: ଆରବିଆଇ

### ନୂଆ ନିୟମ ତୁରନ୍ତ ଲାଗୁ; ୩ ବର୍ଷରୁ କମ୍ ବିରତି ହେଲେ କାର୍ଯ୍ୟକାଳ ରିସେଟ୍ ହେବ ନାହିଁ

ସମବାୟ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଶାସନ ଓ ପରିଚାଳନାକୁ ଆହୁରି ମଜବୁତ୍ କରିବା ପାଇଁ ଭାରତୀୟ ରିଜର୍ଭ୍ ବ୍ୟାଙ୍କ (ଆରବିଆଇ) ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛି। ଏହି ନୂଆ ନିୟମ ଅନୁଯାୟୀ, ଏକା ସମବାୟ ବ୍ୟାଙ୍କର ବୋର୍ଡ୍‌ରେ ନିରନ୍ତର ଭାବେ ୧୦ ବର୍ଷ କାର୍ଯ୍ୟକାଳ ସମାପ୍ତ କରିସାରିଥିବା ନିର୍ଦ୍ଦେଶକଙ୍କୁ ପୁନଃ ନିଯୁକ୍ତି ପାଇଁ ୩ ବର୍ଷର କୁଲିଂ-ଅଫ୍ (ବିରତି) ଆବଶ୍ୟକ ହେବ।
ଆରବିଆଇ ଜାନୁଆରୀ ୮, ୨୦୨୬ରେ ଏହି ସମ୍ପର୍କରେ ଡ୍ରାଫ୍ଟ ନିର୍ଦ୍ଦେଶ ପ୍ରକାଶ କରି ହିତାଧିକାରୀଙ୍କ ମତାମତ ଆହ୍ୱାନ କରିଥିଲା। ପ୍ରାପ୍ତ ପରାମର୍ଶ ପରୀକ୍ଷଣ କରି ଏବେ ଚୂଡ଼ାନ୍ତ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ସଂଶୋଧନ ତୁରନ୍ତ କାର୍ଯ୍ୟକାରୀ ହୋଇଛି।

#### ନୂଆ ନିୟମର ମୁଖ୍ୟ ବିଷୟବସ୍ତୁ

- ଏକା ବ୍ୟାଙ୍କର ବୋର୍ଡ୍‌ରେ ୧୦ ବର୍ଷ ନିରନ୍ତର କାର୍ଯ୍ୟକାଳ ସମାପ୍ତ ହେବା ପରେ ନିର୍ଦ୍ଦେଶକ ପୁନଃ ନିଯୁକ୍ତି ପାଇଁ ୩ ବର୍ଷର କୁଲିଂ-ଅଫ୍ ପିରିୟଡ୍ ପାର କରିବାକୁ ପଡ଼ିବ।
- ଏହି ସମୟ ମଧ୍ୟରେ ସେ ବ୍ୟାଙ୍କ ସହ ସଭ୍ୟ କିମ୍ବା ଗ୍ରାହକ ଭାବେ ବ୍ୟତୀତ ଅନ୍ୟ କୌଣସି ସମ୍ପର୍କ ରଖିପାରିବେ ନାହିଁ।
- ନିରନ୍ତର କାର୍ଯ୍ୟକାଳ ଗଣନା କରିବା ସମୟରେ ୩ ବର୍ଷରୁ କମ୍ ବିରତି କୁ ଗଣନା କରାଯିବ ଏବଂ ତାହା କାର୍ଯ୍ୟକାଳର ଅଂଶ ବୋଲି ବିବେଚନା ହେବ।
- କେବଳ ୩ ବର୍ଷ ବା ତାହା ଅଧିକ ବିରତି ହେଲେ ହିଁ କାର୍ଯ୍ୟକାଳ ରିସେଟ୍ ହେବ।
- ଏହି ନିର୍ଦ୍ଦେଶକ ଅନ୍ୟ କୌଣସି ସମବାୟ ବ୍ୟାଙ୍କର ବୋର୍ଡ୍‌ରେ ଯୋଗ ଦେଇ ପାରିବେ, ଯଦି ଅନ୍ୟଥା ଯୋଗ୍ୟ ହୁଅନ୍ତି।

#### କାହିଁକି ଏହି ନିୟମ ଆବଶ୍ୟକ ?

ଆରବିଆଇ କହିଛି ଯେ, କେତେକ କ୍ଷେତ୍ରରେ ପରିଚାଳନା ପରିଷଦ ସଦସ୍ୟମାନେ ଆଇନ୍‌ର ଉଦ୍ଦେଶ୍ୟକୁ ଏଡ଼ାଇବା ପାଇଁ ଅଳ୍ପ ସମୟ ପାଇଁ ରିଜାଇନ୍ କରି ପୁନଃ ନିର୍ବାଚିତ ହେଉଥିଲେ। ଏହା ବ୍ୟାଙ୍କିଙ୍ଗ୍ ରେଗୁଲେସନ୍ ଆକ୍ଟ, ୧୯୪୯ର ଧାରା ୧୦ଏ (୨ଏ)(୧)ର ଉଦ୍ଦେଶ୍ୟକୁ ଦୁର୍ବଳ କରୁଥିଲା।
୨୦୨୫ ବ୍ୟାଙ୍କିଙ୍ଗ୍ ଆଇନ (ସଂଶୋଧନ) ଆକ୍ଟ ଦ୍ୱାରା ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟଙ୍କ ସର୍ବୋଚ୍ଚ ନିରନ୍ତର କାର୍ଯ୍ୟକାଳ ୮ ବର୍ଷରୁ ବଢ଼ାଇ ୧୦ ବର୍ଷ କରାଯାଇଛି (ଅଗଷ୍ଟ ୧, ୨୦୨୫ ଠାରୁ ଲାଗୁ)। ଏହି ନୂଆ ନିର୍ଦ୍ଦେଶ ସେହି ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଆସିଛି।


#### ଏହି ନିୟମ କାହାକୁ ଲାଗୁ ହେବ ?

- ସହରୀ ସମବାୟ ବ୍ୟାଙ୍କ (**UCBs**)
- ଗ୍ରାମୀଣ ସମବାୟ ବ୍ୟାଙ୍କ (**RCBs**) — ଯାହାରେ ରାଜ୍ୟ ସମବାୟ ବ୍ୟାଙ୍କ (**StCBs**) ଏବଂ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ (**CCBs**) ଅନ୍ତର୍ଭୁକ୍ତ

ଏହି ନିୟମ ଫଳରେ ବୋର୍ଡ୍‌ରେ ନୂଆ ନେତୃତ୍ୱ ଆସିବ, ପରିଚାଳନା ଉନ୍ନତ ହେବ ଏବଂ ଦୀର୍ଘ ସମୟ ଧରି ଏକା ବ୍ୟକ୍ତି ବୋର୍ଡ୍‌ରେ ରହିବାର ପ୍ରବୃତ୍ତି କମିବ ବୋଲି ଆଶା କରାଯାଉଛି। ଏହା ଅନେକ ବ୍ୟାଙ୍କରେ ନେତୃତ୍ୱ ପରିବର୍ତ୍ତନ ଆଣିପାରେ।

## ଆର୍ଥିକ ବର୍ଷ ୨୦୨୫-୨୬ରେ ରେକର୍ଡ: ଓମ୍‌ଫେଡ୍‌ର ୧୦୩୭ କୋଟି ଟଙ୍କାର କାରବାର

ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍) ଆର୍ଥିକ ବର୍ଷ ୨୦୨୫-୨୬ରେ ରେକର୍ଡ ୧୦୩୬.୮୨ କୋଟି ଟଙ୍କାର କାରବାର କରିବା ସହ ୧୦.୨୩ କୋଟି ଟଙ୍କାର ନିଟ୍ ଲାଭ କରିଛି। ଆଜି ଓମ୍‌ଫେଡ୍ ମୁଖ୍ୟ କାର୍ଯ୍ୟାଳୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ମନ୍ତ୍ରୀ କମ୍ପାନିର ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ପଚାରିଥିଲେ। ଦୁଗ୍ଧ ସମବାୟ ସମିତି, ବିଭିନ୍ନ ପ୍ଲାଣ୍ଟ୍ ଓ ଭିତ୍ତିଭୂମି ଉନ୍ନତିକରଣରେ ରହିଥିବା ସମସ୍ୟାଗୁଡ଼ିକୁ ଶୀଘ୍ର ସମାଧାନ କରିବାକୁ କହିଥିଲେ। ବିଭାଗୀୟ ସଚିବ ପ୍ରେମଚନ୍ଦ୍ର ଚୌଧରୀ କହିଥିଲେ ଯେ ସୋନପୁରଠାରେ ୫୦ହଜାର ଲିଟର ଓ ଟାଙ୍ଗୀରେ ୩୦ ହଜାର ଲିଟର କ୍ଷମତାର ନୂଆ ଡେରି ସ୍ଥାପନ କରାଯାଇଛି। ଗତ ଦୁଇ ବର୍ଷରେ ୧୦୬୧ଟି ନୂଆ ଦୁଗ୍ଧ ସମବାୟ ସମିତି ପଞ୍ଜୀକରଣ କରାଯାଇଛି। ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ୨୦୩୦ ସୁଦ୍ଧା ୩.୨୮ ଲକ୍ଷ ଦୁଗ୍ଧ ଚାଷୀଙ୍କ ଆର୍ଥିକ ସମୃଦ୍ଧି ନିଶ୍ଚିତ କରିବା ଓ ଦୁଗ୍ଧଜାତ




ଦ୍ରବ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ପାଇଁ ରହିଥିବା ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ବୈଠକରେ ଓମ୍‌ଫେଡ୍ ସଭାପତି କିଶୋରଚନ୍ଦ୍ର ପ୍ରଧାନୀ, ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘର କର୍ମକର୍ତ୍ତା, ବିଭିନ୍ନ ମିଲ୍କ ୟୁନିୟନର କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ କାମଧେନୁ ଯୋଜନା ଅଧୀନରେ ୨୧ଟି ନୂଆ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଖୋଲାଯାଇଛି। ୪୪୫୫ ଦୁଗ୍ଧ ସମବାୟ ସମିତି ଜରିଆରେ ୩.୨୪ ଲକ୍ଷ ଚାଷୀଙ୍କଠାରୁ ଦୈନିକ ୬.୭୦ ଲ୪ ଲିଟର ଦୁଗ୍ଧ ସଂଗ୍ରହ କରାଯାଉଛି।







## IFFCO ତାର ୫୫ତମ ବାର୍ଷିକ ସାଧାରଣ ସଭାରେ ମହିଳା ନେତୃତ୍ୱକୁ ସମ୍ମାନିତ କଲା

# କୃଷକ ଓ କର୍ମଚାରୀମାନେ IFFCO ର ସଫଳତାର ମୂଳ ଆଧାର: ଦିଲୀପ୍ ସାଙ୍ଘାନୀ

ଭାରତୀୟ କୃଷକ ସାର ସମବାୟ ସଂସ୍ଥା ଲିମିଟେଡ୍ (**IFFCO**) ତାର ୫୫ତମ ବାର୍ଷିକ ସାଧାରଣ ସଭା (ଏଜିଏମ୍) ଅବସରରେ ମହିଳା ସଶକ୍ତିକରଣ ଏବଂ ସମବାୟ ଉତ୍କର୍ଷତାକୁ ସମ୍ମାନିତ କରିଛି। ସେପ୍ଟେମ୍ବର ୨୫, ୨୦୨୬ ସୋମବାର ଦିନ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ଏହି ସଭାରେ ସମବାୟ ଆନ୍ଦୋଳନରେ ମହିଳାଙ୍କ ଅଂଶଗ୍ରହଣକୁ ଆହୁରି ଉତ୍ସାହିତ କରାଯାଇଛି। **IFFCO** ଅଧ୍ୟକ୍ଷ ଦିଲୀପ୍ ସାଙ୍ଘାନୀ କହିଛନ୍ତି ଯେ, ୨୦୨୬ ବର୍ଷକୁ 'ଆନ୍ତର୍ଜାତୀୟ ମହିଳା କୃଷକ ବର୍ଷ' ଘୋଷଣା କରାଯାଇଥିବାରୁ ଭାରତୀୟ ସମବାୟ ଆନ୍ଦୋଳନରେ ମହିଳାଙ୍କ ଅନ୍ତର୍ଭୁକ୍ତି ଉପରେ ଓଉରଉଡଙ ପୁନଃ ପ୍ରତିବଦ୍ଧତା ପ୍ରକାଶ କରିଛି।

ପ୍ରଥମ ଥର ପାଇଁ ମହିଳାଙ୍କୁ ପ୍ରତିଷ୍ଠିତ ପୁରସ୍କାର

ଏହି ଅବସରରେ **IFFCO** ଇତିହାସରେ ପ୍ରଥମ ଥର ପାଇଁ ମହିଳା ସଫଳତା ପ୍ରତିନିଧିଙ୍କୁ ଓଉରଉଡଙ ସହକାରିତା ରତ୍ନ ଏବଂ ସହକାରିତା ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। - **IFFCO** ସହକାରିତା ରତ୍ନ ପୁରସ୍କାର (୨୦୨୪-୨୫): ଜମ୍ମୁ ଓ କାଶ୍ମୀରର ଶ୍ରୀମତୀ ଶାକୀଲା ଆଖ୍ତର୍‌ଙ୍କୁ ପ୍ରଦାନ କରାଯାଇଛି। ସେମାନଙ୍କୁ ୧୧ ଲକ୍ଷ ଟଙ୍କାର ସମ୍ମାନ ରାଶି ମଧ୍ୟ ଦିଆଯାଇଛି। ଗ୍ରାମୀଣ ସ୍ତରରେ ମହିଳା କୃଷି ଓ ସମବାୟ ଆନ୍ଦୋଳନକୁ ସଶକ୍ତ କରିବାରେ ତାଙ୍କର ଅସାଧାରଣ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

**IFFCO** ସହକାରିତା ବନ୍ଧୁ ପୁରସ୍କାର (୨୦୨୪-୨୫): ଗୁଜରାଟର ଶ୍ରୀମତୀ ଭାବନା ଗୋନ୍ଦଲିୟାଙ୍କୁ ପ୍ରଦାନ କରାଯାଇଛି। ତାଙ୍କୁ ମଧ୍ୟ ୧୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। କୃଷି କ୍ଷେତ୍ରରେ ମହିଳାଙ୍କ ସଶକ୍ତିକରଣ ଏବଂ ସମବାୟ ଆନ୍ଦୋଳନରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ମିଳିଛି।

କୃଷକ, ସମବାୟ ଓ କର୍ମଚାରୀଙ୍କ ଯୋଗଦାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ **IFFCO** ଅଧ୍ୟକ୍ଷ ଦିଲୀପ୍ ସାଙ୍ଘାନୀ କହିଛନ୍ତି ଯେ, ସମବାୟ, କୃଷକ ଏବଂ ବୃତ୍ତିଗତ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ **IFFCO** ବିଶ୍ୱର ଶ୍ରେଷ୍ଠ ସମବାୟ ସଂସ୍ଥା ମଧ୍ୟରୁ ଗୋଟିଏ ହୋଇପାରିଛି।

ସେ ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାର ସେ ସମୃଦ୍ଧି' ଦର୍ଶନକୁ **IFFCO** ପ୍ରତିଫଳିତ କରୁଛି। କୃଷକ, ସମବାୟ ସମିତି ଏବଂ କର୍ମଚାରୀଙ୍କ ମିଳିତ ପ୍ରୟାସ ହିଁ ଏହି ସଫଳତାର ମୂଳ।

ଆର୍ଥିକ ସଫଳତା ଓ ଘୋଷଣା

ଓଉରଉଡଙ ମ୍ୟାନେଜିଙ୍ଗ୍ ଡାଇରେକ୍ଟର କେ.ଜେ. ପଟେଲ୍ ଘୋଷଣା କରିଛନ୍ତି ଯେ, ସଂସ୍ଥା ଚଳିତ ବର୍ଷ ୪,୫୮୫ କୋଟି ଟଙ୍କା ଲାଭ ହାସଲ କରିଛି।

- କର୍ମଚାରୀଙ୍କ ପାଇଁ ୪୯୦.୬୫ କୋଟି ଟଙ୍କାର ଇନସେଣ୍ଟିଭ୍ ଘୋଷଣା କରାଯାଇଛି।
- ନିମ୍ନ ସ୍ତରର କର୍ମଚାରୀଙ୍କ ପାଇଁ ସର୍ବନିମ୍ନ ମଜୁରୀ ୨୦,୦୦୦ ଟଙ୍କା ନିର୍ଦ୍ଧାରଣ କରାଯାଇଛି, ଯାହା ପାଇଁ ଅତିରିକ୍ତ ୧୪୦ କୋଟି ଟଙ୍କା ବ୍ୟୟ ହେବ।

ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ

ସଭାରେ ଦେଶବ୍ୟାପୀ ୮୫୦ ଜଣରୁ ଅଧିକ ସମବାୟ ନେତା, ସମବାୟ ସମିତି ସଦସ୍ୟ ସମିତି ଏବଂ କୃଷକ ପ୍ରତିନିଧି ଯୋଗ ଦେଇଥିଲେ। ନାନୋ ସାର, ଭାରତୀୟ ବୀଜ ସମବାୟ ସମିତି, ଜାତୀୟ ସମବାୟ ରପ୍ତାନି ସଂସ୍ଥା ଏବଂ ଅନ୍ୟାନ୍ୟ ନୂତନ ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶନୀରେ ଦର୍ଶା ଯାଇଥିଲା। ସଭାରେ ଟେକ୍ନୋଲୋଜି ଓ ସ୍ଥାୟୀ କୃଷି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। **IFFCO** 'ବିକଶିତ ଭାରତ' ଦର୍ଶନ ସହ ସମବାୟ ମାଧ୍ୟମରେ ଗ୍ରାମୀଣ ଭାରତର ସମୃଦ୍ଧି ଲକ୍ଷ୍ୟ ରଖିଛି।

## ଦାଉ ସାଧୁଛି ମୌସୁମୀ ବର୍ଷା: ଆଶଙ୍କାରେ ସୁନ୍ଦରଗଡ଼ର ଚାଷୀ

ରାଉରକେଲା: ସୁନ୍ଦରଗଡ଼ ଚାଷୀଙ୍କ ପାଇଁ ଦାଉ ସାଧୁଛି ମୌସୁମୀ ବର୍ଷା। ଏପ୍ରିଲ ଓ ମେ' ମାସରେ ବର୍ଷା ଉଭାନ ହୋଇ ଯାଇଥିବାରୁ ଚାଷ କାମ ଆଗେଇପାରୁନି। ଗତବର୍ଷଠାରୁ ଏଥର କମ୍ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଯାହାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି। ଏପ୍ରିଲ ଓ ମେ'ର ବର୍ଷା ଖରିଫ ଚାଷ ପାଇଁ ସହାୟକ ହୋଇଥାଏ। ଅକ୍ଷୟ ତୃତୀୟା ଅର୍ଥାତ୍ ଏପ୍ରିଲ ୨୯ ତାରିଖ ପରଠୁ ଚାଷୀ କାର୍ଯ୍ୟ ଆରମ୍ଭ କରିଥାଏ। ହେଲେ ଗତବର୍ଷ ଅପେକ୍ଷା ଢେର କମ୍ ବର୍ଷା ହୋଇଥିବାରୁ ଜିଲ୍ଲାର କେଉଁ ବ୍ଲକ୍‌ରେ ୪/୫ ଏକର ତ ଅନ୍ୟ କେଉଁ ବ୍ଲକ୍‌ରେ ଚାଷୀ ଆଦୌ କ୍ଷେତକୁ ଯାଇନି। ଜିଲ୍ଲାରେ ମୋଟ ୩.୨ ଲକ୍ଷ ହେକ୍ଟର ଚାଷଜମି ରହିଛି। ମେ' ସୁଦ୍ଧା ଜିଲ୍ଲାର ୧୭ ବ୍ଲକ୍‌ରେ ୧୦୦ ହେକ୍ଟର ଜମିରେ ଚାଷ ହୋଇ ନାହିଁ। ଜୁନ୍ ଓ ଜୁଲାଇରେ କମ୍ ବର୍ଷା ହେଲେ ଜିଲ୍ଲାରେ ଅନେକ ଚାଷ ଜମି ପଡ଼ିଆ ପଡ଼ିବାର ଆଶଙ୍କା ରହିଛି। ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୫ ମେ'ରେ ଲାଠିକଟା ବ୍ଲକ୍‌ରେ ୧୯୮ ହେକ୍ଟର, କୁଆରମୁଣ୍ଡାରେ ୧୦୫ ହେକ୍ଟର ଓ ବିଶ୍ରା ବ୍ଲକ୍‌ରେ ୬୫ ହେକ୍ଟର ଜମିରେ ଚାଷ ହୋଇଥିଲା। ଏଥର ଲାଠିକଟା, କୁଆରମୁଣ୍ଡା, ନୂଆଗାଁ ଓ ବିଶ୍ରାରେ ଆଦୌ ଚାଷ ହୋଇ ନାହିଁ। ଚଳିତ ମାସ ଲାଠିକଟାରେ ୧୭୮ ଏମ୍ଏମ୍, କୁଆରମୁଣ୍ଡାରେ ୧୩୯ ଏମ୍ଏମ୍, ନୂଆଗାଁରେ ୧୧୮ ଏମ୍ଏମ୍ ଓ ବିଶ୍ରା ବ୍ଲକ୍‌ରେ ୧୫୫ ଏମ୍ଏମ୍ ବର୍ଷା ହୋଇଛି, ଯାହା ଚାଷ ପାଇଁ ଆଦୌ ଅନୁକୂଳ ନୁହେଁ। କୋଇଡା ବ୍ଲକ୍‌ରେ ଏପ୍ରିଲରେ ୬୯ ଏମ୍ଏମ୍ ଓ ମେ'ରେ ୧୦୦ ଏମ୍ଏମ୍ ବର୍ଷା ହେବା କଥା। ଏଥର ଏପ୍ରିଲରେ ୧୭ ଏମ୍ଏମ୍ ଓ ମେ'ରେ ୪୧.୪ ଏମ୍ଏମ୍ ବର୍ଷା ହୋଇଛି। ମାତ୍ର ୨ ହେକ୍ଟର ଜମିରେ ଚାଷକାର୍ଯ୍ୟ ହୋଇଛି। ଗୁରୁଣ୍ଡିଆରେ ମେ'ରେ ସାଧାରଣ ଭାବେ ୧୮୭ ମିଲିମିଟର ବର୍ଷା ହୋଇଥାଏ। ଏବେ ସୁଦ୍ଧା ୪୧.୪ ମିଲିମିଟର ବର୍ଷା ହୋଇଥିବାରୁ ମାତ୍ର ୭ ହେକ୍ଟର ଜମିରେ ଚାଷ ହୋଇ ପାରିଛି। ଲହୁଣିପଡ଼ାରେ ଆଜି ପର୍ଯ୍ୟନ୍ତ ମାତ୍ର ୪୦ ଏମ୍ଏମ୍ ବର୍ଷା ହୋଇଛି। ବ୍ଲକ୍‌ରେ ବର୍ତ୍ତମାନ ସୁଦ୍ଧା ମାତ୍ର ୧୦ ହେକ୍ଟର ଜମିରେ ଚାଷ ହୋଇପାରିଛି। ମେ' ମାସରେ ବଣାଇ ବ୍ଲକ୍‌ରେ ୪୧ ଏମ୍ଏମ୍ ବର୍ଷା ହୋଇଥିବାବେଳେ ରାଜଗାଙ୍ଗପୁର, ଟାଙ୍ଗରପାଲି, ହେମଗିରି, ସବ୍‌ଡେଗା, କୁତ୍ରା, ବଡ଼ଗାଁ, ସୁନ୍ଦରଗଡ଼ ସଦର, ବାଲିଶଙ୍କରା, ଲେଫ୍ରିପଡ଼ାରେ ବର୍ଷାଭାବ ଚାଷୀକୁଳଙ୍କୁ ଆଶଙ୍କା ଭିତରକୁ ଠେଲିଦେଇଛି।

## ରବି ମଣ୍ଡିରେ ଚାଷୀ ହନ୍ତସନ୍ତ: ବେପାରୀଙ୍କ ମନମାନି ଯୋଗୁଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

ବସ୍ତା: ନିକଟ ଅତୀତରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରତିଶ୍ରୁତି ଦେଇଥିଲେ ଯେ ଧାନମଣ୍ଡିଗୁଡ଼ିକରେ ଆଉ ଚାଷୀ ହଇରାଣ ହେବେନାହିଁ। ଏହି ପ୍ରତିଶ୍ରୁତିର ଅଳ୍ପ କିଛି ଦିନ ପରେ ଖୋଲାଯାଇଥିବା ରବି ମଣ୍ଡିରେ କିନ୍ତୁ ଚାଷୀମାନେ ଅନେକ ହଇରାଣ ହରକତ ହେବା ଦେଖିବାକୁ ମିଳିଛି। କେବଳ ଏହାନୁହେଁ, ସମସ୍ୟା ନେଇ ଚାଷୀଙ୍କ ହାରିଗୁହାରି ମଧ୍ୟ କୌଣସି ସରକାରୀ କର୍ମଚାରୀ କିମ୍ବା ସମିତି କର୍ମକର୍ତ୍ତା ଶୁଣୁନାହାନ୍ତି।

ଚଳିତ ବର୍ଷ ରବିଧାନ ପାଇଁ ବସ୍ତା ବ୍ଲକ ମିଶନ ଶକ୍ତି ବିଭାଗର କୁଳିଦା ପଞ୍ଚାୟତ ସ୍ତରୀୟ ମହାସଂଘ ପକ୍ଷରୁ ଗେମନ କମ୍ପାନୀ ପଡିଆରେ ସୋମବାର ଧାନମଣ୍ଡି ଖୋଲିଛି। ଉଦ୍‌ଘାଟନ ଦିନରୁ ହିଁ ମଣ୍ଡିରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମୌଳିକ ସୁବିଧା ଅଭାବ, ଟାର୍ଗେଟ କମ୍ ଓ ବେପାରୀଙ୍କ ମନମାନି ଯୋଗୁଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସନ୍ତୋଷପୁର ଓ ଅ ମର୍ଦ୍ଧାରୋଡ ସେବା ସମବାୟ ସମିତି ଦ୍ୱାରା ପରିଚାଳିତ ଏହି ମଣ୍ଡିରେ ୪୧୭ ଚାଷୀ ପଞ୍ଜୀକରଣ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୨ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ସ୍ଥିରୀକୃତ ହୋଇଛି।



ଚାଷୀ ସନ୍ଦୀପ ଦଳାଇ କହିଛନ୍ତି, ଆଜକୁ ଚାରି ଦିନ ଧରି ମଣ୍ଡି ଖୋଲିଥିବା ବେଳେ ୩୨ ଜଣ ଚାଷୀଙ୍କ ଠାରୁ ପାଖାପାଖି ୧୨ସହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। କିନ୍ତୁ ମଣ୍ଡିରେ ପିଇବା ପାଣି, ଛାଇ ପାଇଁ ସେଡ, ଶୌଚାଳୟ କି ବିଶ୍ରାମଗୃହର ଠିକ୍ ଭାବେ ବ୍ୟବସ୍ଥା ହୋଇନାହିଁ। ଖରାରେ ଚାଷୀମାନେ ଖୋଲା ପଡିଆରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ରହୁଛନ୍ତି।

ଚାଷୀ ନିତ୍ୟାନନ୍ଦ ଜେନା, ରଘୁନାଥ ଜେନା କହିଛନ୍ତି, ଚଳିତ ବର୍ଷ ସରକାର ଧାନ କ୍ୱିଣ୍ଟାଲ ପିଛା ୨୩୬୯ଟଙ୍କା ଗଝଚ ଧାର୍ଯ୍ୟ କରିଛନ୍ତି। ହେଲେ କୁଳିଦା ମଣ୍ଡି ପାଇଁ ପ୍ରଥମ ପର୍ଯ୍ୟାୟରେ ମାତ୍ର ୨ ହଜାର କ୍ୱିଣ୍ଟାଲ ଟାର୍ଗେଟ ଦିଆଯାଇଛି। ଯାହା ଅଞ୍ଚଳର ଉତ୍ପାଦନ ତୁଳନାରେ ବହୁତ କମ। ଫଳରେ ଅଧିକାଂଶ ଚାଷୀଙ୍କ ଧାନ ବିକ୍ରି ହୋଇପାରିବ ନାହିଁ। ଚାଷୀ ସୁଦର୍ଶନ ଦଳାଇ, ଅରୁଣ ବେହେରା ପ୍ରମୁଖ ଦାବି କରିଛନ୍ତି, ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ସିସିଟିଭି, ମୌଳିକ ସୁିଧା ଯେପରିକି ପିଇବା ପାଣି, ଶୌଚାଳୟ, ଛାଇ ପାଇଁ ସେଡ, ବିଶ୍ରାମ ଗୃହ ଆଦି ଠିକ ଭାବେ ଯୋଗାଇଦେବା ସହ ତୁରନ୍ତ ଟାର୍ଗେଟ ବୃଦ୍ଧି କରାଯାଉ।

## ଧଳାଡ଼ିହିର ପୋଖରୀ ପୁନଃ ଉଦ୍ଧାର କେବେ ହେବ ?

# ଅସୁବିଧାର ସମ୍ମୁଖୀନ ହେଉଛନ୍ତି ୫୦୦ରୁ ଅଧିକ ଲୋକ

ରାଇରଙ୍ଗପୁର: ମୟୂରଭଂଜ ଜିଲ୍ଲାରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଭାଲୁବସା ଗ୍ରାମପଞ୍ଚାୟତ ନାଗଭଣ ଗ୍ରାମର ଧଳାଡ଼ିହିସାହିରେ ଦୀର୍ଘଦିନ ଧରି ଡ୍ରେନ ସମସ୍ୟା ଲାଗି ରହିଥିବା ବେଳେ ସେନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସାହିରେ ୮୦ରୁ ଅଧିକ ପରିବାର ବାସ କରୁଥିବା ବେଳେ ପ୍ରାୟ ୫୦୦ରୁ ଅଧିକ ଲୋକ ଏହି ସମସ୍ୟା ଦ୍ୱାରା ପ୍ରତିଦିନ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନରେ ଅବସ୍ଥା ସଙ୍କଟଜନକ ହୋଇପଡୁଥିବା ବେଳେ ରାସ୍ତାଉପରେ ନାଳ ପାଣି ଜମି ରହୁଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଡ୍ରେନ୍ ବ୍ୟବସ୍ଥା ନଥିବାରୁ ଘରର ବର୍ଜ୍ୟଜଳ ରାସ୍ତା ଉପରେ ବହୁଥିବାରୁ ପରିବେଶ ଦୂଷିତ ହେବା ସହିତ ଦୁର୍ଗନ୍ଧ ବାହାରି ପରିବେଶ ଦୂଷିତ କରୁଛି। ଫଳରେ ମଶା ମାଛିର ପ୍ରକୋପ ବଢୁଥିବାରୁ ଲୋକମାନଙ୍କ ମଧ୍ୟରେ ରୋଗଭୟ ମଧ୍ୟ ଦେଖାଦେଇଛି।

ସେହିପରି ସେହି ସାହିର ଶିବ ମନ୍ଦିର ନିକଟରେ ଥିବା ଏକମାତ୍ର ସରକାରୀ ପୋଖରୀ 'ନୂଆ ବନ୍ଧ'ର ଦୁରବସ୍ଥା ମଧ୍ୟ ଗ୍ରାମବାସୀଙ୍କ ଚିନ୍ତାର କାରଣ ପାଲଟିଛି। ଗ୍ରାମର ଅଧିକାଂଶ ଲୋକେ ପୋଖରୀ ଉପରେ ନିର୍ଭରଶୀଳ ଥିବା ବେଳେ ପୋଖରୀ ତୁଠରେ ଗାଧୁଆ ଘର ନଥିବା ଏବଂ ଦୀର୍ଘଦିନ ଧରି ପଙ୍କ ଉଦ୍ଧାର ହୋଇନଥିବାରୁ ପୋଖରୀରେ ପାଣି ରହୁନଥିବା ଅଭିଯୋଗ ହେଉଛି। ଗ୍ରୀଷ୍ମ ଦିନରେ ପୋଖରୀ ପ୍ରାୟ ଶୁଖି ଯାଉଥିବାରୁ ଗ୍ରାମବାସୀ ଗାଧୋଇବା, ଗୋରୁ ଗାଈଙ୍କ ପାଇଁ ପାଣି ଯୋଗାଣ ଏବଂ ନିତ୍ୟକ୍ରମ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏହା ଛଡ଼ା ପାରମ୍ପରିକ କାର୍ଯ୍ୟ ଯଥା ବିବାହ, ଶୁଦ୍ଧି କ୍ରିୟା ଓ ଅନ୍ୟାନ୍ୟ ଧାର୍ମିକ ଆଚାର ପାଳନ ପାଇଁ ଏହି ପୋଖରୀର ପାଣି ବ୍ୟବହୃତ ହୋଇଥାଏ। କିନ୍ତୁ ପୋଖରୀରେ ପାଣି ନରହିବାରୁ ଗ୍ରାମବାସୀ ବିଭିନ୍ନ ସମୟରେ ଅସୁବିଧାରେ ପଡୁଛନ୍ତି।

ଗ୍ରାମର ବୃଦ୍ଧ ଏବଂ ମହିଳାମାନଙ୍କ କହିବା ଅନୁଯାୟୀ ପୂର୍ବରୁ ଉକ୍ତ ପୋଖରୀ ଗ୍ରାମର ଜୀବନରେଖା ଥିଲା କିନ୍ତୁ ଏବେ ଅବହେଳା କାରଣରୁ ଏହାର ଅସ୍ତିତ୍ୱ ସଙ୍କଟରେ ପଡ଼ିଛି। ଉକ୍ତ ସମସ୍ୟାଗୁଡ଼ିକର ସମାଧାନ ଦାବି ନେଇ ଗ୍ରାମବାସୀମାନେ ଏକତ୍ରିତ ହୋଇ ରାଇରଙ୍ଗପୁର ବିଡିଓଙ୍କ ନିକଟରେ ଲିଖିତ ଦାବି କରିଛନ୍ତି। ଦାବିପତ୍ରରେ ତୁରନ୍ତ ଡ୍ରେନ ନିର୍ମାଣ କରାଯିବା ସହିତ 'ନୂଆ ବନ୍ଧ' ପୋଖରୀର ପଙ୍କ ଉଦ୍ଧାର, ଗାଧୁଆ ଘର ନିର୍ମାଣ ଏବଂ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଶୀଘ୍ର କରାଯିବାକୁ ଦାବି କରାଯାଇଛି। ଯଦି ପ୍ରଶାସନ ଶୀଘ୍ର ପଦକ୍ଷେପ ନନେବେ, ତେବେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗ୍ରାମ ଉନ୍ନୟନ ନାମରେ ବିଭିନ୍ନ ଯୋଜନା ଆସୁଥିଲେ ମଧ୍ୟ ବିଭିନ୍ନ ମୌଳିକ ସୁବିଧାରୁ ଧଳାଡ଼ିହି ସାହି ବଞ୍ଚିତ ରହିଛି।

# ବୈକୁଣ୍ଠ ଲାଲ୍ ମେହେତା: ସମବାୟର ସ୍ୱପ୍ନଦ୍ରଷ୍ଟା

ଭାରତ ସ୍ୱାଧୀନ ହେବା ପୂର୍ବରୁ ଦେଶର ଗ୍ରାମଗୁଡ଼ିକର ଅବସ୍ଥା ଅତ୍ୟନ୍ତ ଦୟନୀୟ ଥିଲା। ଚାଷୀ ଋଣରେ ବୁଡ଼ିଥିଲେ, ଗରିବ ଲୋକ ମହାଜନଙ୍କ ସୁଦରେ ପିସୁଥିଲେ ଏବଂ ଗ୍ରାମୀଣ ଅର୍ଥନୀତି ପ୍ରାୟ ଧ୍ୱଂସ ହେବାକୁ ବସିଥିଲା। ଏମିତି ଏକ ସମୟରେ କିଛି ମହାନ ବ୍ୟକ୍ତି ଦେଶକୁ ନୂଆ ଦିଗ ଦେଖାଇଥିଲେ। ସେହିମାନଙ୍କ ମଧ୍ୟରୁ ଜଣେ ଥିଲେ ଭାରତୀୟ ସମବାୟ ଆନ୍ଦୋଳନର ପ୍ରମୁଖ ପ୍ରଣେତା ବୈକୁଣ୍ଠଭାଇ ଲାଲୁଭାଇ ମେହେତା। ସେ କେବଳ ଏକ ଅର୍ଥନୀତିବିଦ୍ ନୁହେଁ, ସେ ଥିଲେ ଏକ ସ୍ୱପ୍ନଦ୍ରଷ୍ଟା, ଯିଏ ଗ୍ରାମୀଣ ଭାରତକୁ ସ୍ୱାବଲମ୍ବୀ କରିବାର ଲକ୍ଷ୍ୟ ନେଇ ଜୀବନ ସମର୍ପଣ କରିଥିଲେ।

ଗୁଜରାଟର ଭାବନଗରର ଏକ ସାଧାରଣ ପରିବାରରେ ୧୮୯୧ ଅକ୍ଟୋବର ୨୬ ତାରିଖରେ ତାଙ୍କ ଜନ୍ମ ହୋଇଥିଲା। ଶିଶୁବେଳୁ ସେ ଅତ୍ୟନ୍ତ ମେଧାବୀ ଓ ଶୃଙ୍ଖଳାପ୍ରିୟ ଥିଲେ। ତାଙ୍କ ପିତାମାତା ଚାହୁଁଥିଲେ ସେ ଉଚ୍ଚ ଶିକ୍ଷା ଗ୍ରହଣ କରି ବଡ଼ ଅଧିକାରୀ ହେଉନ୍ତୁ। କିନ୍ତୁ ବୈକୁଣ୍ଠଭାଇଙ୍କ ମନ ସଦା ଦେଶର ଗରିବ ଓ ଅବହେଳିତ ଲୋକଙ୍କ ପାଇଁ ଧଡ଼କୁଥିଲା। ସେ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାରୁ ଗଭୀର ପ୍ରଭାବିତ ହୋଇଥିଲେ। ଗାନ୍ଧୀଜୀ ଯେପରି ସ୍ୱଦେଶୀ, ସ୍ୱାବଲମ୍ବନ ଓ ଗ୍ରାମ ଉନ୍ନୟନର କଥା କହୁଥିଲେ, ବୈକୁଣ୍ଠଭାଇ ସେହି ଭାବନାକୁ ନିଜ ଜୀବନର ମୂଳମନ୍ତ୍ର କରିନେଲେ।

ସ୍ୱାଧୀନତା ଆନ୍ଦୋଳନ ସମୟରେ ସେ ଦେଶର ବିଭିନ୍ନ ଅଞ୍ଚଳ ଘୁରିଥିଲେ। ସେ ଦେଖିଥିଲେ ଯେ ଭାରତର ଶକ୍ତି ଗ୍ରାମରେ ଅଛି, କିନ୍ତୁ ଗ୍ରାମୀଣ ଲୋକ ଆର୍ଥିକ ଭାବେ ଅତ୍ୟନ୍ତ ଦୁର୍ବଳ। ଚାଷୀମାନେ ବିଆ କିଣିବାକୁ ଋଣ ନେଉଥିଲେ ଏବଂ ଫସଲ ନଷ୍ଟ ହେଲେ ସାରାଜୀବନ ଋଣ ଶୋଧ କରିବାରେ କଟିଯାଉଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ଖୋଜିବା ପାଇଁ ସେ "ସମବାୟ" ର ଧାରଣାକୁ ଆଗକୁ ଆଣିଲେ। ତାଙ୍କ ମତରେ ଯଦି ଗ୍ରାମର ଲୋକ ଏକତ୍ରିତ ହୋଇ ସଞ୍ଚୟ କରିବେ, ଉତ୍ପାଦନ କରିବେ ଓ ବ୍ୟବସାୟ କରିବେ, ତେବେ ସେମାନେ କେବଳ ନିଜେ ସ୍ୱାବଲମ୍ବୀ ହେବେ ନୁହେଁ, ଦେଶର ଅର୍ଥନୀତିକୁ ମଧ୍ୟ ମଜବୁତ କରି ପାରିବେ।

ଏହି ଭାବନା ସହ ସେ ସମବାୟ ଆନ୍ଦୋଳନରେ ପ୍ରବେଶ କଲେ। ସେ ସମୟରେ ସମବାୟ ବ୍ୟବସ୍ଥା ଭାରତରେ ନୂଆ ଥିଲା। ଅନେକ ଲୋକ ଏହାର ମହତ୍ତ୍ୱ ବୁଝୁନଥିଲେ। କିନ୍ତୁ ବୈକୁଣ୍ଠଭାଇ ଧୈର୍ଯ୍ୟ ହାରିଲେ ନାହିଁ। ସେ ଗ୍ରାମକୁ ଗ୍ରାମ ଯାଇ ଲୋକଙ୍କୁ ବୁଝାଇଥିଲେ ଯେ ସମବାୟ ହେଉଛି ଏକତାର ଶକ୍ତି। ଏକ ଲୋକ ଏକାକୀ ଦୁର୍ବଳ ହୋଇପାରେ, କିନ୍ତୁ ସମୂହ ଭାବେ ସେମାନେ ବଡ଼ ଶକ୍ତିର ରୂପ ନେଇପାରିବେ।

କ୍ରମେ ତାଙ୍କ ପରିଶ୍ରମର ଫଳ ମିଳିଲା। ସେ ବମ୍ବେ ଷ୍ଟେଟ୍ କୋଅପରେଟିଭ୍ ବ୍ୟାଙ୍କ ସହ ଯୁକ୍ତ ହେଲେ ଏବଂ ପରେ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବରେ ଦୀର୍ଘ ୩୫ ବର୍ଷ କାର୍ଯ୍ୟ କଲେ। ଏହି ସମୟରେ ସେ ଗ୍ରାମୀଣ ଋଣ ବ୍ୟବସ୍ଥାରେ ବିପ୍ଳବ ଆଣିଲେ। ପୂର୍ବରୁ ଚାଷୀମାନେ ମହାଜନଙ୍କ ଉପରେ ନିର୍ଭର କରୁଥିଲେ, କିନ୍ତୁ ସମବାୟ ବ୍ୟାଙ୍କ ମାଧ୍ୟମରେ ସେମାନେ କମ ସୁଦରେ ଋଣ ପାଇବା ଆରମ୍ଭ କଲେ। ଏହା ଗ୍ରାମୀଣ ଅର୍ଥନୀତିକୁ ନୂଆ ଜୀବନ ଦେଲା।



ବୈକୁଣ୍ଠଭାଇଙ୍କ ଏକ ବିଶେଷ ଗୁଣ ଥିଲା—ସେ କେବଳ ଅଫିସରେ ବସି ନିଷ୍ପତ୍ତି ନେଉନଥିଲେ। ସେ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ନିଜେ ଶୁଣୁଥିଲେ। ଚାଷୀଙ୍କ ସହ ମାଟିରେ ବସି କଥା ହୁଅ ଥିଲେ। ସେ କହୁଥିଲେ, "ସମବାୟ କେବଳ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ନୁହେଁ, ଏହା ହେଉଛି ଲୋକଙ୍କ ମଧ୍ୟରେ ବିଶ୍ୱାସ ଓ ସହଯୋଗର ଆନ୍ଦୋଳନ।"

ତାଙ୍କ ନେତୃତ୍ୱରେ ଅନେକ ସମବାୟ ସମିତି ଗଠନ ହେଲା। ଗୁଜରାଟରେ ଦୁଧ ଉତ୍ପାଦନ ଓ ଡେୟାରୀ ସମବାୟର ବିକାଶରେ ମଧ୍ୟ ତାଙ୍କ ଅବଦାନ ଅପରିମିତ। ପରେ ଯେ "ଆମୂଲ" ଭଳି ବଡ଼ ଡେୟାରୀ ଆନ୍ଦୋଳନ ସଫଳ ହେଲା, ତାହାର ମୂଳରେ ବୈକୁଣ୍ଠଭାଇଙ୍କ ଚିନ୍ତାଧାରା ରହିଥିଲା। ସେ ଚାହୁଁଥିଲେ ଯେ ଚାଷୀ ଓ ଦୁଗ୍ଧ ଉତ୍ପାଦକମାନେ ନିଜେ ନିଜ ଉତ୍ପାଦର ମାଲିକ ହେଉନ୍ତୁ ଓ ମଧ୍ୟସ୍ଥ ବ୍ୟବସାୟୀଙ୍କ ଶୋଷଣରୁ ମୁକ୍ତି ପାଉନ୍ତୁ।

ଏକଦିନ ତାଙ୍କୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ସମବାୟ ଋଣ କମିଟିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଗଲା। ଏହା ତାଙ୍କ ଜୀବନର ଏକ ବଡ଼ ପର୍ଯ୍ୟାୟ ଥିଲା। ସେ ଭାରତର ସମବାୟ ଋଣ ବ୍ୟବସ୍ଥାକୁ ଆଧୁନିକ ଓ ସୁସଂଗଠିତ କରିବା ପାଇଁ ଅନେକ ପ୍ରସ୍ତାବ ଦେଲେ। ତାଙ୍କ ରିପୋର୍ଟ ପରେ ସମବାୟ ବ୍ୟାଙ୍କ ଓ ଗ୍ରାମୀଣ ଋଣ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆସିଲା। ସରକାର ମଧ୍ୟ ବୁଝିପାରିଲା ଯେ ସମବାୟ ହେଉଛି ଗ୍ରାମ ଉନ୍ନୟନର ମୂଳ ଆଧାର। ସ୍ୱାଧୀନତା ପରେ ସେ ବମ୍ବେ ରାଜ୍ୟର ଅର୍ଥ ଓ ସମବାୟ ମନ୍ତ୍ରୀ ହେଲେ। ମନ୍ତ୍ରୀ ହେବା ପରେ ମଧ୍ୟ ତାଙ୍କ ଜୀବନ ଶୈଳୀ ବଦଳିଲା ନାହିଁ। ସେ ସରଳ ଜୀବନ ଯାପନ କରୁଥିଲେ। ଗାନ୍ଧୀଜୀଙ୍କ ପରି ଖାଦି ପୋଷାକ ପିନ୍ଧୁଥିଲେ ଓ ସରକାରୀ ଧନର ଅପଚୟକୁ ଘୃଣା କରୁଥିଲେ। ତାଙ୍କ ଅଫିସରେ ଯେ କୌଣସି ସାଧାରଣ ଲୋକ ଯାଇ ସମସ୍ୟା କହିପାରୁଥିଲେ।

ଏହି ସମୟରେ ସେ ଖାଦି ଓ ଗ୍ରାମୀଣ ଉଦ୍ୟୋଗ କମିଶନର ପ୍ରଥମ ଅଧ୍ୟକ୍ଷ ହେଲେ। ତାଙ୍କ ବିଶ୍ୱାସ ଥିଲା ଯେ ଗ୍ରାମୀଣ ଶିଳ୍ପ ଓ କୁଟିର ଶିଳ୍ପ ଉନ୍ନତି କଲେ ଦେଶର ବେକାରି ସମସ୍ୟା ହ୍ରାସ ପାଇବ। ସେ ଗ୍ରାମର ଯୁବକମାନଙ୍କୁ ସ୍ୱରୋଜଗାର ପାଇଁ ପ୍ରୋତ୍ସାହନ ଦେଉଥିଲେ। ତାଙ୍କ ପ୍ରଚେଷ୍ଟାରେ ଅନେକ ଗ୍ରାମରେ ହସ୍ତଶିଳ୍ପ, ବୁଣାକାମ ଓ କୁଟିର ଉଦ୍ୟୋଗ ଗଢ଼ିଉଠିଲା।

ବୈକୁଣ୍ଠଭାଇ କେବଳ ପ୍ରଶାସକ ନୁହେଁ, ସେ ଜଣେ ଉତ୍କୃଷ୍ଟ ଲେଖକ ମଧ୍ୟ ଥିଲେ। ତାଙ୍କ ଲିଖିତ ପୁସ୍ତକ **"The Cooperative Movement in India"** ସମବାୟ ଆନ୍ଦୋଳନର ଏକ ମହତ୍ତ୍ୱପୂର୍ଣ୍ଣ ଦସ୍ତାବିଜ୍ ଭାବେ ପରିଚିତ। ଏହି ପୁସ୍ତକରେ ସେ ସମବାୟର ଇତିହାସ, ଲକ୍ଷ୍ୟ ଓ ଭବିଷ୍ୟତ ନେଇ ଗଭୀର ଆଲୋଚନା କରିଥିଲେ। ଆଜି ମଧ୍ୟ ସମବାୟ କ୍ଷେତ୍ରର ଛାତ୍ର ଓ ଅଧିକାରୀମାନେ ଏହି ପୁସ୍ତକରୁ ପ୍ରେରଣା ନିଅନ୍ତି।

ତଥାପି ତାଙ୍କ ଜୀବନ ସବୁବେଳେ ସହଜ ଥିଲା ନାହିଁ। ସମବାୟ ଆନ୍ଦୋଳନରେ ରାଜନୈତିକ ହସ୍ତକ୍ଷେପ, ଦୁର୍ନୀତି ଓ ଅସଦ୍ବ୍ୟବହାର ତାଙ୍କୁ ବହୁତ କଷ୍ଟ ଦେଇଥିଲା। ସେ ଚାହୁଁଥିଲେ ସମବାୟ ସଂସ୍ଥାଗୁଡ଼ିକ ଲୋକଙ୍କ ସେବା ପାଇଁ କାମ କରନ୍ତୁ, କିନ୍ତୁ କେତେକ ଲୋକ ଏହାକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରୁଥିଲେ। ସେ ଏହି ସମସ୍ୟାଗୁଡ଼ିକୁ ଦୃଢ଼ ଭାବରେ ବିରୋଧ କରୁଥିଲେ। ସେ କହୁଥିଲେ, "ସମବାୟର ଆତ୍ମା ହେଉଛି ସତ୍ୟନିଷ୍ଠା। ଯେଉଁଠାରେ ଦୁର୍ନୀତି ରହିବ, ସେଠାରେ ସମବାୟ ଦୀର୍ଘ ସମୟ ବଞ୍ଚିପାରିବ ନାହିଁ।"

ତାଙ୍କ ଦୀର୍ଘ ସେବା ଓ ଅବଦାନକୁ ସମ୍ମାନ ଦେଇ ୧୯୫୪ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମ ଭୂଷଣ ସମ୍ମାନ ପ୍ରଦାନ କରିଥିଲେ। କିନ୍ତୁ ଏହି ସମ୍ମାନ ତାଙ୍କୁ କେବେ ଅହଂକାରୀ କରିପାରିଲା ନାହିଁ। ସେ ସର୍ବଦା ନିଜକୁ ଜନସେବକ ବୋଲି ମନେ କରୁଥିଲେ। ବୟସ ବଢ଼ିବା ସହିତ ତାଙ୍କ ସ୍ୱାସ୍ଥ୍ୟ ଅବନତି ହେବା ଆରମ୍ଭ ହେଲା। ତଥାପି ସେ ଶେଷ ପର୍ଯ୍ୟନ୍ତ ସମବାୟ ଆନ୍ଦୋଳନ ପାଇଁ କାମ କରୁଥିଲେ। ୧୯୬୪ ଅକ୍ଟୋବର ୨୭ ତାରିଖରେ ପୁଣେରେ ତାଙ୍କ ଦେହାନ୍ତ ହେଲା। ତାଙ୍କ ମୃତ୍ୟୁ ସମବାୟ ଜଗତ ପାଇଁ ଏକ ବଡ଼ କ୍ଷତି ଥିଲା। ଅନେକ ଲୋକ କହିଥିଲେ ଯେ ଭାରତ ଏକ ମହାନ ଦିଗ୍ଦର୍ଶକକୁ ହାରାଇଲା।

ତାଙ୍କ ସ୍ମୃତିକୁ ଅମର କରିବା ପାଇଁ ପୁଣେରେ ସ୍ଥାପିତ ହେଲା ବୈକୁଣ୍ଠ ମେହେତା ଜାତୀୟ ସମବାୟ ପରିଚାଳନା ସଂସ୍ଥା — ଯାହା ଆଜି ସମବାୟ ପ୍ରଶିକ୍ଷଣ ଓ ଗବେଷଣାର ଏକ ପ୍ରମୁଖ କେନ୍ଦ୍ର। ଦେଶର ବିଭିନ୍ନ ରାଜ୍ୟରୁ ଛାତ୍ର, ଅଧିକାରୀ ଓ ସମବାୟ କର୍ମୀମାନେ ସେଠାକୁ ଯାଇ ପ୍ରଶିକ୍ଷଣ ନିଅନ୍ତି। ଏହା ବୈକୁଣ୍ଠଭାଇଙ୍କ ସ୍ୱପ୍ନକୁ ଆଜି ମଧ୍ୟ ଜୀବନ୍ତ ରଖିଛି।

ଆଜିର ଦିନରେ ଯେତେବେଳେ ସମବାୟ ସଂସ୍ଥାଗୁଡ଼ିକ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ, ସେତେବେଳେ ବୈକୁଣ୍ଠ ଲାଲ୍ ମେହେତାଙ୍କ ଆଦର୍ଶ ଅଧିକ ପ୍ରସଙ୍ଗିକ ହୋଇପଡ଼ିଛି। ସେ ଦେଖାଇଥିଲେ ଯେ ସମବାୟ କେବଳ ଅର୍ଥନୈତିକ ବ୍ୟବସ୍ଥା ନୁହେଁ; ଏହା ହେଉଛି ମାନବତା, ସହଯୋଗ ଓ ସମାନତାର ଆନ୍ଦୋଳନ। ତାଙ୍କ ଜୀବନ ଆମକୁ ଶିଖାଏ ଯେ ସତ୍ୟନିଷ୍ଠା, ସେବାଭାବ ଓ ଏକତା ଥାଇଲେ ଯେକୌଣସି ବଡ଼ ପରିବର୍ତ୍ତନ ସମ୍ଭବ। ବୈକୁଣ୍ଠଭାଇ ଲାଲୁଭାଇ ମେହେତା କେବଳ ଏକ ନାମ ନୁହେଁ — ସେ ହେଉଛନ୍ତି ଏକ ଚିନ୍ତାଧାରା, ଏକ ଆନ୍ଦୋଳନ ଓ ଏକ ପ୍ରେରଣା। ଯେପର୍ଯ୍ୟନ୍ତ ଭାରତରେ ସମବାୟ ଆନ୍ଦୋଳନ ବଞ୍ଚିଥିବ, ସେପର୍ଯ୍ୟନ୍ତ ତାଙ୍କ ନାମ ସମ୍ମାନର ସହିତ ସ୍ମରଣୀୟ ହୋଇ ରହିବ।

# ବିଶ୍ୱ କୂଟନୀତିର ଗତିପଥ ଏବଂ ବୈଷୟିକ ଜୀବନର ମାନସିକ ସଙ୍କଟ

ସାମ୍ପ୍ରତିକ ସମୟରେ ଆନ୍ତର୍ଜାତୀୟ ସ୍ତରରେ ଭାରତର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ଦେଖି କେତେକ ବିଦେଶୀ ଗଣମାଧ୍ୟମ ଏବଂ ନିର୍ଦ୍ଦିଷ୍ଟ ବୈଶ୍ୱିକ ସଂଗଠନ ଦ୍ୱାରା ଏକ ବଡ଼ ଧରଣର ଯୋଜନାବଦ୍ଧ ଅପପ୍ରଚାର ଚଳାଯାଉଛି। ଏହି ଗୋଷ୍ଠୀଗୁଡ଼ିକ ବିଶ୍ୱ ଦରବାରରେ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧକୁ କ୍ଷୁଣ୍ଣ କରିବା ପାଇଁ ବାରମ୍ବାର ଏକ ସମ୍ପୂର୍ଣ୍ଣ ମିଥ୍ୟା ଓ ଭ୍ରାନ୍ତ ଧାରଣା ସୃଷ୍ଟି କରୁଛନ୍ତି ଯେ ଦେଶରେ ସାମ୍ବାଦିକତାର ସ୍ୱାଧୀନତା ସଙ୍କଟରେ ଅଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୌଣସି ପ୍ରକାର ଖୋଲା ପ୍ରେସ୍ କନଫରେନ୍ସ କିମ୍ବା ଜଟିଳ ଗଣମାଧ୍ୟମ ପ୍ରଶ୍ନର ସମ୍ମୁଖୀନ ହେବାକୁ ଭୟ କରୁଛନ୍ତି। ତେବେ ଉପଲବ୍ଧ ପ୍ରମାଣ ଏବଂ ଐତିହାସିକ ତଥ୍ୟ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରେ। ଯଦି ବିଗତ ବାର ବର୍ଷର ଇତିହାସକୁ ଅନୁଧ୍ୟାନ କରାଯାଏ, ତେବେ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରତିଷ୍ଠିତ ଆଞ୍ଚଳିକ, ଜାତୀୟ ଏବଂ ବିଦେଶୀ ଗଣମାଧ୍ୟମ ସଂସ୍ଥାକୁ ପ୍ରାୟ ଦେଢ଼ଶହରୁ ଅଧିକ ବ୍ୟକ୍ତିଗତ ଓ ଦୀର୍ଘ ସାକ୍ଷାତକାର ପ୍ରଦାନ କରିଛନ୍ତି। ଏହି ସାକ୍ଷାତକାରଗୁଡ଼ିକରେ କେବଳ ସରକାରଙ୍କ ସଫଳତା ନୁହେଁ, ବରଂ ଅନେକ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପଚରାଯାଇଥିବା ଅତ୍ୟନ୍ତ କଠିନ ଓ ତୀକ୍ଷ୍ଣ ପ୍ରଶ୍ନର ସହଜ, ସ୍ପଷ୍ଟ ଏବଂ ସାହସିକ ଉତ୍ତର ରହିଛି। ନିକଟରେ ନରୱେର ଜଣେ ବରିଷ୍ଠ ଏବଂ ମୁକ୍ତ ବିଚାରଧାରାର ସାମ୍ବାଦିକାଙ୍କ ସହିତ ହୋଇଥିବା ବିସ୍ତୃତ ଆଲୋଚନା ଏବଂ ଅନ୍ୟାନ୍ୟ ପ୍ରମୁଖ ଆନ୍ତର୍ଜାତୀୟ ମଞ୍ଚରେ ଭାରତ ପକ୍ଷରୁ ଦିଆଯାଇଥିବା ଦୃଢ଼ ଯୁକ୍ତି ଏହି ସମସ୍ତ ବିଦେଶୀ ପ୍ରଚାରର ଅସଲ ମୁଖା ଖୋଲିଦେଇଛି। ଏହିସବୁ ଦୃଷ୍ଟାନ୍ତ ପ୍ରମାଣିତ କରେ ଯେ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶୀର୍ଷ ନେତୃତ୍ୱକୁ ପ୍ରଶ୍ନ କରିବାର ପୂର୍ଣ୍ଣ ସ୍ୱାଧୀନତା ପ୍ରତ୍ୟେକ ବ୍ୟକ୍ତି ଓ ଗଣମାଧ୍ୟମ ନିକଟରେ ରହିଛି ଏବଂ ଆନ୍ତର୍ଜାତୀୟ ସ୍ତରରେ ଦେଶର ଭାବମୂର୍ତ୍ତିକୁ ଖରାପ କରିବାକୁ ଚେଷ୍ଟା କରୁଥିବା ଷଡ଼ଯନ୍ତ୍ରଗୁଡ଼ିକ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଉଦ୍ଦେଶ୍ୟପ୍ରଣୋଦିତ।

ଅନ୍ୟପକ୍ଷରେ, ଆମର ପଡ଼ୋଶୀ ଦେଶ ପାକିସ୍ତାନର ଭିତରୁ କ୍ରମାଗତ ଭାବେ ଉପୁଜୁଥିବା ରାଜନୈତିକ ଅସ୍ଥିରତା ଏବଂ ସେଠାକାର ଶାସନ ବ୍ୟବସ୍ଥା ଭୁଷୁଡ଼ିବା ପଛରେ ଥିବା ଏକ ଅତି ଗମ୍ଭୀର ଓ ବିସ୍ଫୋରକ ତଥ୍ୟ ଏବେ ସର୍ବସାଧାରଣରେ ପ୍ରକାଶ ପାଇଛି। ଏକ ଅତି ଗୁପ୍ତ ବୈଦେଶିକ ଗୋଇନ୍ଦା ରିପୋର୍ଟ ସାମ୍ନାକୁ ଆସିବା ପରେ ଏହା ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଛି ଯେ ଗତ ଦୁଇ ହଜାର ବାଇଶି ମସିହାରେ ପାକିସ୍ତାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ନିର୍ବାଚିତ ସରକାରଙ୍କୁ କ୍ଷମତାରୁ ବେଦଖଲ କରିବା ପଛରେ ମହାଶକ୍ତି ଆମେରିକାର ସିଧାସଳଖ ଏବଂ ପ୍ରଚ୍ଛଦ ହସ୍ତକ୍ଷେପ ରହିଥିଲା। ସେହି ସମୟରେ ପାକିସ୍ତାନ ସଂସଦରେ ବିରୋଧୀ ଦଳ ଦ୍ୱାରା ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇ ଇମ୍ରାନ ଖାନଙ୍କୁ ହଟାଯାଇଥିଲା ଏବଂ ଏହାକୁ ଏକ ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ତଥା ସ୍ୱାଭାବିକ ଗଣତାନ୍ତ୍ରିକ ପ୍ରକ୍ରିୟା ବୋଲି ସାରା ବିଶ୍ୱକୁ ଦେଖାଯାଇଥିଲା। ମାତ୍ର ବର୍ତ୍ତମାନର ଏହି ନୂତନ ଗୁପ୍ତ ତଥ୍ୟ ଖୁଲାସା କରୁଛି ଯେ ଆମେରିକାର ବୈଦେଶିକ ମନ୍ତ୍ରଣାଳୟ ଓ ଭୂ-ରାଜନୈତିକ ରଣନୀତିର ଚାପ ଯୋଗୁଁ ହିଁ ପାକିସ୍ତାନ ସେନା ଏବଂ ସେଠାକାର ରାଜନେତାମାନେ ଏହି ସତ୍ତା ପରିବର୍ତ୍ତନ କରିବାକୁ ବାଧ୍ୟ ହୋଇଥିଲେ। ବିଶ୍ୱ ରାଜନୀତିରେ ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ କିଭଳି ଭାବେ ଅନ୍ୟ ଦେଶର ଶାସନରେ ହସ୍ତକ୍ଷେପ କରନ୍ତି ଏବଂ ଦୁର୍ବଳ ଦେଶଗୁଡ଼ିକର ସାର୍ବଭୌମତ୍ୱକୁ କ୍ଷୁଣ୍ଣ କରନ୍ତି, ଏହି ଘଟଣା ତାର ଏକ ଜ୍ୱଳନ୍ତ ଉଦାହରଣ।

ବୈଶ୍ୱିକ ରାଜନୀତିର ଏହି ଜଟିଳତା ମଧ୍ୟରେ ସମଗ୍ର ମାନବ ସମାଜ ଏବେ ଆଉ ଏକ ନୂତନ ଏବଂ ଭୟଙ୍କର ସାମାଜିକ ତଥା ମାନସିକ ସଙ୍କଟର ସମ୍ମୁଖୀନ ହେଉଛି, ଯାହା ଆମର ଦୈନନ୍ଦିନ ଆଧୁନିକ ଜୀବନଶୈଳୀ ସହିତ ଓତପ୍ରୋତ ଭାବେ ଜଡ଼ିତ। ବିଶେଷ କରି ସ୍ମାର୍ଟଫୋନ୍, ସ୍ମାର୍ଟ ଟିଭି, ସ୍ମାର୍ଟ ୱାଚ୍ ଏବଂ ସ୍ମାର୍ଟ ହୋମ୍ ଭଳି ଅତ୍ୟାଧୁନିକ ବୈଦ୍ୟୁତିକ ଉପକରଣ କିମ୍ବା ଗ୍ୟାଜେଟ୍‌ଗୁଡ଼ିକର ଅତିମାତ୍ରାରେ ବ୍ୟବହାର ଯୋଗୁଁ ବିଶ୍ୱବ୍ୟାପୀ ଲୋକମାନେ ଏବେ ମାନସିକ ସ୍ତରରେ ଗଭୀର ଭାବେ କ୍ଲାନ୍ତ ଓ ଅବସାଦଗ୍ରସ୍ତ ହେବାରେ ଲାଗିଛନ୍ତି। ଏକ ସମୟ ଥିଲା, ଯେତେବେଳେ ମଣିଷ ନିଜର ସୁବିଧା, ବିଳାସ ବ୍ୟସନ ଏବଂ ସମୟ ବଞ୍ଚାଇବା ପାଇଁ ଏହି ଉଚ୍ଚ ଜ୍ଞାନକୌଶଳକୁ ନିଜ ଜୀବନରେ ଆନନ୍ଦର ସହ ଆପଣାଇଥିଲା। ଇଣ୍ଟରନେଟ୍ ଏବଂ ଏହି ସ୍ମାର୍ଟ ଉପକରଣଗୁଡ଼ିକର ପ୍ରାରମ୍ଭିକ ଆଗମନ ସମଗ୍ର ମାନବ ସମାଜ ପାଇଁ ଏକ ଚମତ୍କାର ଭଳି ମନେହେଉଥିଲା ଏବଂ ଏହା ଦ୍ୱାରା ଦୈନନ୍ଦିନ ଜୀବନ ଓ କାର୍ଯ୍ୟର ଗତି ଖୁବ୍ ତୀବ୍ର ହୋଇଯାଇଥିଲା। ମାତ୍ର ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟା ହୋଇଯାଇଛି; ଆମେ ନିଜେ ସେହି ସମସ୍ତ ଉପକରଣଗୁଡ଼ିକୁ ପରିଚାଳିତ କରିବା ପରିବର୍ତ୍ତେ, ବର୍ତ୍ତମାନ ସେହି ନିର୍ଜୀବ ଯନ୍ତ୍ରଗୁଡ଼ିକ ଆମର ଚିନ୍ତାଧାରା ଏବଂ ସମୟକୁ ନିୟନ୍ତ୍ରଣ କରୁଛନ୍ତି। ମୋବାଇଲ୍ ସ୍କ୍ରିନ୍‌ରେ କ୍ରମାଗତ ଭାବେ ଆସୁଥିବା ନୋଟିଫିକେସନ୍, ସାମାଜିକ ଗଣମାଧ୍ୟମର ଆଭାସୀ ଦୁନିଆର ଆକର୍ଷଣ ଏବଂ ବିଭିନ୍ନ ପ୍ରକାରର ଅଦରକାରୀ ତଥ୍ୟର ପ୍ରବାହ ମଣିଷର ଅନ୍ତରର ଶାନ୍ତି, ପାରିବାରିକ ସମୟ ଏବଂ ଜୀବନର ସୁକୁନକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛି।

ଏହି ସ୍ମାର୍ଟ ଜୀବନଶୈଳୀର ନକାରାତ୍ମକ ପ୍ରଭାବ କାରଣରୁ ଏବେ ବିଶ୍ୱ ସ୍ତରରେ ଏକ ବଡ଼ ସଚେତନତା ସୃଷ୍ଟି ହୋଇଛି ଏବଂ ଲୋକମାନେ ପୁନର୍ବାର ସରଳତା ତଥା ପାରମ୍ପରିକ ପ୍ରାଥମିକ ଜୀବନଶୈଳୀ ଆଡ଼କୁ ଫେରିବାକୁ ଆରମ୍ଭ କଲେଣି। ଅତ୍ୟଧିକ ବୈଷୟିକ ନିର୍ଭରଶୀଳତାରୁ ମୁକ୍ତି ପାଇବା ପାଇଁ ଅନେକ ଲୋକ ଏବେ ଜ୍ଞାନକୌଶଳର ବ୍ୟବହାରକୁ ସୀମିତ କରି ସାଧାରଣ ବା ବେସିକ୍ ଫୋନ୍ ବ୍ୟବହାର କରିବାକୁ ଉଚିତ ମଣୁଛନ୍ତି, ଯାହା ବିନା ଇଣ୍ଟରନେଟ୍ ସଂଯୋଗରେ ମଧ୍ୟ କେବଳ ପ୍ରାଥମିକ ଆବଶ୍ୟକତା ପୂରଣ କରିପାରିବ। ମଣିଷକୁ ଏହା ବୁଝିବାକୁ ହେବ ଯେ ଜୀବନ କୌଣସି ନିରନ୍ତର ଦୌଡ଼ ପ୍ରତିଯୋଗିତା ନୁହେଁ, ଯେଉଁଠାରେ ସବୁବେଳେ କେବଳ ମେସିନ୍ ଭଳି ଭାଗିବାକୁ ପଡ଼ିବ। ମାନବ ଜୀବନ ପାଇଁ ସବୁଠାରୁ ମୂଲ୍ୟବାନ ଜିନିଷ ହେଉଛି ଆତ୍ମସନ୍ତୋଷ ଏବଂ ମାନସିକ ସ୍ଥିରତା। ଯଦି ଆଧୁନିକ ବୈଜ୍ଞାନିକ ଉପକରଣଗୁଡ଼ିକ ଆମର ଆନ୍ତରିକ ଖୁସି ଓ ମାନସିକ ସ୍ୱାସ୍ଥ୍ୟ ଛଡ଼ାଇ ନେଉଛନ୍ତି, ତେବେ ସେଗୁଡ଼ିକର ଦାସ ନ ହୋଇ ନିଜକୁ ପ୍ରାକୃତିକ ପରିବେଶ ସହ ଯୋଡ଼ିବା ଏବଂ ସୀମିତ ସ୍ମାର୍ଟ ଜୀବନଶୈଳୀ ଆପଣାଇବା ହିଁ ବର୍ତ୍ତମାନ ସମୟର ଶ୍ରେଷ୍ଠ ଓ ଏକମାତ୍ର ପନ୍ଥା। ସୁରକ୍ଷିତ, ସନ୍ତୁଳିତ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବା ପାଇଁ ବୈଷୟିକ ମୋହ କମାଇବା ଏବଂ ନିଜ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ସର୍ବାଦୌ ଅପରିହାର୍ଯ୍ୟ।







# ତୈଳ ସଙ୍କଟ: ସହାୟତା ପାଇଁ ବିଶ୍ୱ ବ୍ୟାଙ୍କର ଦ୍ୱାରସ୍ଥ ହେଲେ ୨୭ ଦେଶ

ନ୍ୟୁୟର୍କ: ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ଅନୁଯାୟୀ, ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ୨୭ଟି ଦେଶ ଜରୁରୀକାଳୀନ ପାଣ୍ଠି ପାଇଁ ଅନୁରୋଧ କରିଛନ୍ତି। ଏହି ଦେଶଗୁଡ଼ିକ ଏପରି ବ୍ୟବସ୍ଥା କାର୍ଯ୍ୟକାରୀ କରିବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ଯାହା ଆବଶ୍ୟକ ହେଲେ ସେମାନଙ୍କୁ ବିଶ୍ୱ ବ୍ୟାଙ୍କରୁ ତୁରନ୍ତ ପାଣ୍ଠି ଯୋଗାଇ ଦିଆଯିବ। ତେବେ ଏହି ଦେଶଗୁଡ଼ିକର ନାମ କିମ୍ବା ଅନୁରୋଧ କରାଯାଇଥିବା ଆର୍ଥିକ ସହାୟତା ପରିମାଣ ପ୍ରକାଶ କରିବାକୁ ବିଶ୍ୱ ବ୍ୟାଙ୍କ ମନା କରିଦେଇଛି। ରିପୋର୍ଟ ଅନୁଯାୟୀ, ଫେବ୍ରୁଆରି ୨୮ ତାରିଖରୁ ମଧ୍ୟପ୍ରାଚ୍ୟରେ ସଂଘର୍ଷ ବୃଦ୍ଧି ପାଇବା ପରେ, ତିନୋଟି ଦେଶ ନୂତନ ସଙ୍କଟକାଳୀନ ସହାୟତା ବ୍ୟବସ୍ଥାକୁ ଅନୁମୋଦନ କରିଛନ୍ତି। ଯେତେବେଳେ ଅବଶିଷ୍ଟ ଦେଶଗୁଡ଼ିକ ଏପର୍ଯ୍ୟନ୍ତ ପ୍ରକ୍ରିୟା ସମାପ୍ତ କରିବା ଜାରି ରଖିଛନ୍ତି। ଇରାନ ଯୁଦ୍ଧ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି। ତୈଳ ଏବଂ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ଅନେକ ଦେଶର ଅସୁବିଧାକୁ ବଢ଼ାଇ ଦେଇଛି। ଶକ୍ତି ବଜାରରେ ଅସ୍ଥିରତା ଯୋଗାଣ ଶୃଙ୍ଖଳକୁ ମଧ୍ୟ ବାଧାପ୍ରାପ୍ତ କରିଛି। ଏହା ବ୍ୟତୀତ, ସାର ଯୋଗାଣ ବାଧାପ୍ରାପ୍ତ ହେଉଛି, ଯାହା କୃଷିକୁ ପ୍ରଭାବିତ କରୁଛି। କେନିଆ ଏବଂ ଇରାକ ବିଶ୍ୱ ବ୍ୟାଙ୍କ ଠାରୁ ଜରୁରୀ ଆର୍ଥିକ ସହାୟତା ପାଇଁ ଅନୁରୋଧ




କରିଥିବା ନିଶ୍ଚିତ କରିଛନ୍ତି। କେନିଆରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯେତେବେଳେ ଇରାକର ତୈଳ ରାଜସ୍ୱ କମିବାରେ ଲାଗିଛି। ରିପୋର୍ଟ ଅନୁଯାୟୀ, ଏହି ୨୭ଟି ଦେଶ ସେହି ୧୦୧ଟି ଦେଶ ମଧ୍ୟରେ ଅନ୍ତର୍ଭୁକ୍ତ ଯେଉଁମାନେ ବିଦ୍ୟମାନ ସଙ୍କଟ ପାଣ୍ଠି ବ୍ୟବସ୍ଥାରୁ ଲାଭ ପାଇପାରିବେ। ସେଥିମଧ୍ୟରୁ ୫୪ଟି ଦେଶ ରାପିଡ୍ ରେସପନ୍ସ ସ୍କିମର ସାମିଲ ଅଛନ୍ତି। ଏହି ଯୋଜନା ଅନୁଯାୟୀ, ଯେକୌଣସି ଦେଶ ତୁରନ୍ତ ଏହାର ଅନୁମୋଦିତ କିନ୍ତୁ ଅବ୍ୟବହୃତ ପାଣ୍ଠିର ୧୦% ପାଇପାରିବ। ବିଶ୍ୱ ବ୍ୟାଙ୍କ ସଭାପତି ଅଜୟ ବାଙ୍ଗା ଗତ ମାସରେ କହିଥିଲେ ଯେ, ଆବଶ୍ୟକ ହେଲେ ବ୍ୟାଙ୍କ ତୁରନ୍ତ ୨୦ ରୁ ୨୫ ବିଲିୟନ ଡଲାର ଆର୍ଥିକ ସହାୟତା ଯୋଗାଇ ପାରିବ।ପୂର୍ବ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ପଦକ୍ଷେପରୁ ବାକି ପାଣ୍ଠି ସହିତ ମିଶି, ଏହି ସହାୟତା ଆଗାମୀ ଛଅ ମାସ ମଧ୍ୟରେ ୬୦ ବିଲିୟନ ଡଲାରରେ ପହଞ୍ଚିପାରେ। ଭବିଷ୍ୟତରେ ଏହି ପରିମାଣ ୧୦୦ ବିଲିୟନ ଡଲାରରେ ମଧ୍ୟ ପହଞ୍ଚିପାରେ। ଏହି ସମୟରେ, ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ମୁଖ୍ୟ କ୍ରିଷ୍ଟାଲିନା ଜର୍ଜିଭା କହିଛନ୍ତି ଯେ, ପ୍ରାୟ ୧୨ଟି ଦେଶ ଆଇଏମ୍‌ଏଫ୍ ଠାରୁ ସହାୟତା ଲୋଡ଼ିପାରନ୍ତି। ତଥାପି, ବହୁତ କମ୍ ଦେଶ ଆନୁଷ୍ଠାନିକ ଭାବରେ ଆବେଦନ କରିଛନ୍ତି। ବିଶେଷଜ୍ଞମାନଙ୍କ ଅନୁସାରେ ଅନେକ ଦେଶ ଆଇଏମ୍‌ଏଫ୍ ଅପେକ୍ଷା ବିଶ୍ୱ ବ୍ୟାଙ୍କ ଠାରୁ ସହାୟତା ନେବାକୁ ପସନ୍ଦ କରୁଛନ୍ତି। କାରଣ ଆଇଏମ୍‌ଏଫ୍ ସାଧାରଣତଃ ଖର୍ଚ୍ଚ ହ୍ରାସ ଭଳି କଠୋର ସର୍ତ୍ତାବଳୀ ଲାଗୁ କରିଥାଏ। ଏହା ଦ୍ୱାରା ପୂର୍ବରୁ ସମସ୍ୟାରେ ଥିବା ଦେଶଗୁଡ଼ିକରେ ଆର୍ଥିକ ଏବଂ ସାମାଜିକ ସଙ୍କଟ ଅଧିକ ଜଟିଳ ହେବାର ଆଶଙ୍କା ରହିଛି।

## ମୋ ପୋଖରୀ ଯୋଜନାରେ ୫୦ କୋଟି ଚଳୁ

ମାଲକାନଗିରି: ପଡ଼ିଆ ବ୍ଲକ୍ କସାଗୁଡ଼ା ଗାଁର ଚାଷୀ ମାଙ୍ଗି ମାଡ଼ୀ ଓ ମାସା ମାଡ଼ୀ। ଉଭୟଙ୍କର ୨ ଏକର ଲେଖାଏଁ ଜମି ଅଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଜଳ ବିଭାଜିକା ବିଭାଗ ମୋ ପୋଖରୀ ଯୋଜନାରେ ଉଭୟଙ୍କୁ ସାମିଲ କରିଥିଲା। କିନ୍ତୁ ଚାଷୀଙ୍କ ବଦଳରେ ବିଭାଗୀୟ କର୍ତ୍ତୃପକ୍ଷ ମେସିନ୍ ଲଗାଇ ପୋଖରୀ ଖୋଳିଦେଲେ। ୧୦ ଫୁଟ ଗଭୀର ପୋଖରୀରେ ଏବେ ଟୋପାଏ ପାଣି ନାହିଁ। ସ୍ଥାନ ଚୟନରେ ତ୍ରୁଟି କାରଣରୁ ପୋଖରୀରେ ପାଣି ରହୁନଥିବାରୁ ନା ଜମିକୁ ପାଣି ମାଡୁଛି, ନା ହେଉଛି ମାଛ ଚାଷ। ସେହିପରି କାଲତାପାଲୀ ଗାଁର ଚାଷୀ ଗଙ୍ଗାଧର କାବାସୀ ଓ ମାସା ମାଡାକାମୀ। ଗଙ୍ଗାଧରଙ୍କ ୩ ଏକର ଜମି ଅଛି। କିନ୍ତୁ ପୋଖରୀ ଖୋଳିବା ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ଆଲୋଚନା କରିନଥିଲେ। ଫଳରେ ଗଙ୍ଗାଧର ପୋଖରୀରେ କେଉଁ ମାଛ ଚାଷ କରିବେ ଏବଂ ସରକାରଙ୍କଠାରୁ କ'ଣ ସହାୟତା ପାଇବେ ସେ ନେଇ କିଛି ଜାଣିନାହାନ୍ତି।

ମାଲକାନଗିରି ଜିଲ୍ଲାରେ ମୋ ପୋଖରୀ ଯୋଜନାରେ ହୋଇଥିବା ବଡ଼ ଦୁର୍ନୀତିର ଇଏ ଗୋଟିଏ ଗୋଟିଏ ପ୍ରମାଣ। ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ଜିଲ୍ଲାରେ ୩୪୬୧ଟି ପୋଖରୀ ଖୋଳା ଯାଇଥିବା ବେଳେ ଗୋଟିଏ ବି ଚାଷୀଙ୍କ କାମରେ ଆସୁନଥିବା ଅଭିଯୋଗ କରିଛନ୍ତି ଚାଷୀ। ତରବରିଆ ଭାବେ ଜାଗା ଚିହ୍ନଟ, ମେସିନ୍‌ରେ ପୋଖରୀ ଖୋଳା ଯୋଗୁଁ ଚାଷୀ ତ ଉପକୃତ ହେଲେନି, କିନ୍ତୁ ଏହି ଯୋଜନାରୁ ବେଶ୍ ଲାଭବାନ୍ ହୋଇଛନ୍ତି ସରକାରୀ ବାବୁ। ବ୍ୟାପକ ଦୁର୍ନୀତି କାରଣରୁ ଗତ ୨ବର୍ଷ ହେବ ମାଲକାନଗିରି ଜିଲ୍ଲାରେ ମୋ ପୋଖରୀ ଯୋଜନା ବନ୍ଦ ରହିଛି। ଏହା ପୂର୍ବରୁ ଗତ ୩ ବର୍ଷରେ ନିର୍ମାଣ ହୋଇଥିବା ୩୪୬୧ଟି ପୋଖରୀରୁ ହିତାଧିକାରୀ ଓ ଚାଷୀ କୌଣସି ଫାଇଦା ପାଇନାହାନ୍ତି। ବିଭାଗୀୟ ରିପୋର୍ଟ ମୁତାବକ, ୨୦୨୨-୨୩ରେ ୯୮୯ଟି ପୋଖରୀ ଖୋଳା ବାବଦରେ ଖର୍ଚ୍ଚ ହୋଇଛି ୧୪କୋଟି ୮୩ ଲକ୍ଷ ଟଙ୍କା। ୨୦୨୩-୨୪ରେ ୧୨୩୬ଟି ପୋଖରୀ ଖୋଳା ବାବଦରେ ୧୮କୋଟି ୫୪ ଲକ୍ଷ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ୧୨୩୬ଟି ପୋଖରୀ ଖୋଳା ବାବଦରେ ୧୮ କୋଟି ୫୪ ଲକ୍ଷ ଖର୍ଚ୍ଚ ହୋଇଛି।

### ବନ୍ଦ ହେବ ଖାଇବା ତେଲର ଅନିୟମିତ ପ୍ୟାକେଜିଂ

## ସବୁ କମ୍ପାନି ନିର୍ଦ୍ଦିଷ୍ଟ ଓଜନର ପ୍ୟାକ୍ ଆଣିବେ

ନୂଆଦିଲ୍ଲୀ: ଖାଇବା ତେଲ ପ୍ୟାକେଟ୍‌ରେ ରହୁଥିବା ଅସଙ୍ଗତିକୁ ନେଇ ଅସନ୍ତୋଷ ବଢ଼ିବାରୁ କେନ୍ଦ୍ର ସରକାର ଏହି ବ୍ୟବସ୍ଥା ଉପରେ ରୋକ ଲଗାଇବା ବିଷୟରେ ବିଚାର କରୁଛନ୍ତି। ପୁଣି ଥରେ ସବୁ କମ୍ପାନି ପାଇଁ ନିର୍ଦ୍ଦିଷ୍ଟ ଓଜନର ମାନକ ଲାଗୁ କରାଯିବ। ବର୍ତ୍ତମାନ ବଜାରରେ ବିକ୍ରି ହେଉଥିବା ଅଧିକାଂଶ ଖାଇବା ତେଲ ପ୍ୟାକେଟ୍ ସମାନ ଦେଖାଯାଉଥିଲେ ମଧ୍ୟ ସେଥିରେ ଅସମାନ ତେଲ ରହୁଛି। ଏକାଦେଖାଯାଉଥିବା ପ୍ୟାକେଟ୍‌ଗୁଡ଼ିକରେ ୬୫୦ ଗ୍ରାମ, ୭୦୦ ଗ୍ରାମ, ୮୧୦ ଗ୍ରାମ, ୮୫୦ ଗ୍ରାମ ଓ ୮୭୦ ଗ୍ରାମ ଭଳି ଭିନ୍ନ ଭିନ୍ନ ଓଜନର ତେଲ ରହୁଛି। ତେଣୁ ଗ୍ରାହକମାନେ ପ୍ରକୃତରେ କେତେ ତେଲ ପାଇଁ କେତେ ପଇସା ଦେଉଛନ୍ତି ତାହା ଜାଣିପାରୁନାହାନ୍ତି। ସେମାନେ କମ୍ ଟଙ୍କା ଭାବି ଯେଉଁ ପ୍ୟାକେଟ୍ କିଣୁଛନ୍ତି, ସେଥିରେ କମ୍ ତେଲ ମଧ୍ୟ ପାଉଛନ୍ତି। ଏ ସମ୍ପର୍କରେ ତୈଳ କମ୍ପାନିଗୁଡ଼ିକ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦିଷ୍ଟ ମାନକ ଲାଗୁ କରିବା ବିଷୟରେ ବିଚାର କରାଯାଉଛି। ଏହାର ଅର୍ଥ ହେଉଛି ସବୁ କମ୍ପାନି ୨୦୦ ମିଲିଲିଟର, ୫୦୦ ମିଲିଲିଟର, ୧ ଲିଟର, ୨ ଲିଟର, ୩ ଲିଟର, ୪ ଲିଟର, ୫ ଲିଟର, ୧୫ ଲିଟର ଓ ୨୦ଟି ଲିଟର ପ୍ୟାକେଟ୍‌ରେ ଖାଇବା ତେଲ ବିକ୍ରି କରିବେ। ଅନ୍ୟ କୌଣସି ଓଜନର ତେଲ ବିକ୍ରି ହେବନାହିଁ। ଫଳରେ ସବୁ କମ୍ପାନିର ନିର୍ଦ୍ଦିଷ୍ଟ ଲିଟି ବିଶିଷ୍ଟ ପ୍ୟାକ୍ ସମାନ ଦେଖାଯିବ। ଗ୍ରାହକମାନେ ଦାମ୍‌କୁ ତୁଳନା କରି ନିଜ ପସନ୍ଦର ଖାଇବା ତେଲ ଚୟନ କରିପାରିବେ ଓ ସେମାନେ ଓଜନ ଠକାମିର ଶିକାର ମଧ୍ୟ ହେବେ ନାହିଁ। ତେଲ ପ୍ୟାକେଟ୍‌ରେ ଅସଙ୍ଗତିକୁ ନେଇ ଚଳିତ ମାସରେ ଭାରତୀୟ ସୋୟାବିନ ପ୍ରୋସେସର ସଂଘ କେନ୍ଦ୍ର ଉପଭୋକ୍ତା ବ୍ୟାପାର ବିଭାଗକୁ ଚିଠି ଲେଖିଥିଲା। ପୂର୍ବରୁ ଖାଇବା ତେଲ ପ୍ୟାକ୍‌ର ନିର୍ଦ୍ଦିଷ୍ଟ ମାନକ ଥିଲା। ୨୦୨୩ ଜାନୁଆରି ୧ରେ ତାହାକୁ କୋହଳ କରାଯିବା ପରେ କମ୍ପାନିଗୁଡ଼ିକ ମନଇଚ୍ଛା ଓଜନର ପ୍ୟାକ୍ ଆଣିଥିଲେ। କୌଣସି ଗ୍ରାହକ ତେଲ କିଣିବା ବେଳେ ମିଲିଲିଟରକୁ କେତେ ଟଙ୍କା ତାହା ହିସାବ କରନ୍ତି ନାହିଁ। ତେଣୁ ସେମାନେ ଦେଉଥିବା ପଇସା ପାଇଁ କମ୍ ତେଲ ପାଇଲେ ନା ଅଧିକ ତାହା ଜାଣିପାରୁନାହାନ୍ତି। ସେହି ଦ୍ୱନ୍ଦ୍ୱ ଦୂର କରିବାକୁ ଖାଇବା ତେଲର ପ୍ୟାକ୍‌ର ନିର୍ଦ୍ଦିଷ୍ଟ ମାନକ ଧାର୍ଯ୍ୟ କରାଯିବ।

### ଅନୁଗୁଳର ମିଠା କମଳା ଜିଲ୍ଲାକୁ ଦେଇଥିଲା ସ୍ୱତନ୍ତ୍ର ପରିଚୟ

## ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ସଙ୍କଟ

ଅନୁଗୁଳ: ଅନୁଗୁଳର ମିଠା କମଳା ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଆଣିଥିଲା। ସହରର ମିଶ୍ରପଡ଼ା ନିକଟରେ କମଳା ଚାଷ ପାଇଁ ରହିଥିଲା ବିସ୍ତୀର୍ଣ୍ଣ ଫାର୍ମ। ଏଠାକାର କମଳା ଜିଲ୍ଲାର ଆବଶ୍ୟକତା ପୂରଣ କରିବା ସହିତ ବାହାରକୁ ପଠାଯାଉଥିଲା। ହେଲେ, ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ପାଇଁ କମଳା ଚାଷ ଡୁବିଯାଇଛି। ଅନୁଗୁଳର ମିଠା କମଳା ଏବେ ସମସ୍ତଙ୍କ ପାଇଁ ସ୍ୱପ୍ନ ପାଲଟିଥିବା ବେଳେ କମଳା ଫାର୍ମ ଇତିହାସ ହୋଇଯାଇଛି। କର୍ପୂର ଉଡ଼ିଯାଇଛି, କନା ପଡ଼ିରହିବା ଭଳି କେବଳ ଛକଟିର ନାମ କମଳା ଫାର୍ମ ଭାବେ ସେ ସମୟର ସ୍ମୃତିକୁ ଉଜ୍ଜୀବିତ ରଖିଛି।

ଅନୁଗୁଳରେ ପୂର୍ବରୁ ବିଭିନ୍ନ ସ୍ଥାନରେ କମଳା ଚାଷ ହେଉଥିଲା। ବିଶେଷ କରି ୧୯୫୦ରୁ ୭୦ ଦଶକ ବେଳକୁ ଏଠାକାର ଜଳବାୟୁ କମଳା ଚାଷ ପାଇଁ ବେଶ୍ ଉପଯୋଗୀ ହୋଇଥିଲା। ସହରର ମିଶ୍ରପଡ଼ା ସମେତ ସାତକୋଶିଆର ବିଭିନ୍ନ ସ୍ଥାନରେ ମିଠା କମଳା ଫଳୁଥିଲା। ଅନୁଗୁଳ ଉଦ୍ୟାନ କୃଷି ବିଭାଗର ୧୨ ହେକ୍ଟର ଜାଗା ରହିଥିବା ବେଳେ ସେଥିମଧ୍ୟରୁ ୧୦ ହେକ୍ଟର ଜାଗାରେ କମଳା ଫାର୍ମ ହୋଇଥିଲା। ସେତେବେଳେ ବାର୍ଷିକ ପାଖାପାଖି ୬୦ ଟନ୍ କମଳା ଅମଳ ହେଉଥିଲା। କେବଳ ଯେ ସରକାରୀ ଫାର୍ମରେ କମଳା ଚାଷ ହେଉଥିଲା ତାହା ନୁହେଁ, ମିଶ୍ରପଡ଼ାଠାରୁ ଲିଙ୍ଗରାଯୋଡ଼ି ପର୍ଯ୍ୟନ୍ତ ସବୁଠାରେ କମଳା ଗଛ ରହିଥିଲା। ଏ ସବୁକୁ ହିସାବକୁ ନେଲେ ଅନୁଗୁଳ ସହରରୁ ପ୍ରାୟ ୧୦୦ ଟନ୍ କମଳା ଅମଳ ହେଉଥିଲା। ରାଜ୍ୟ ବାହାରେ ମଧ୍ୟ ଏହାର ଚାହିଦା କିଛି କମ୍ ନଥିଲା। ସେପଟେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବଳକା କମଳାକୁ ପ୍ରକ୍ରିୟାକରଣ କରାଯାଇ ଜୁସ୍ କରାଯାଇ ବିକ୍ରି କରାଯାଉଥିଲା। ଯଦିଓ



ପଡ଼ୋଶୀ ବୌଦ୍ଧ ଓ ଦେବଗଡ଼ ଜିଲ୍ଲାର ରିଆମାଳ ଅଞ୍ଚଳରେ କମଳା ଚାଷ ହେଉଥିଲା, ଅନୁଗୁଳର ମିଠା କମଳା କିନ୍ତୁ ଜିଲ୍ଲାକୁ ଦେଇଥିଲା ସ୍ୱତନ୍ତ୍ର ପରିଚୟ। ୧୯୭୦ରୁ ୮୦ ଦଶକ ବେଳକୁ ଜଳବାୟୁରେ ବଡ଼ ପରିବର୍ତ୍ତନ ପାଇଁ କମଳା ଚାଷ ନିଶ୍ଚିହ୍ନ ହୋଇ ଯାଇଥିଲା।

ଉଦ୍ୟାନ କୃଷି ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କ କହିବା ଅନୁଯାୟୀ, କମଳା ଚାଷ ପାଇଁ ତାପମାତ୍ରା ୩୫ ଡିଗ୍ରି ସେଲ୍‌ସିୟସ ଭିତରେ ରହିବା ଆବଶ୍ୟକ। ତା'ଠାରୁ ଆଉ ୨ରୁ ୩ ଡିଗ୍ରି ତାପମାତ୍ରା ବଢ଼ିଲେ ମଧ୍ୟ ଚାଷ ହୋଇପାରିବ। କିନ୍ତୁ ୪୦ ଡିଗ୍ରି ତାପମାତ୍ରାରେ କମଳା ଚାଷ ହେବା ସମ୍ଭବ ନୁହେଁ। କମଳା ଚାଷ ନ ହେବାର କାରଣ ପଛରେ ତାପମାତ୍ରା ବୃଦ୍ଧି ଦାୟୀ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କମଳା ଚାଷ ଉପରେ ଗବେଷଣାର ଅଭାବ ଓ ଉଦାସୀନତା ଏଥିପାଇଁ ବହୁମାତ୍ରାରେ ଦାୟୀ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି।

## ସରକାରୀ ଫାର୍ମରେ ବେସରକାରୀ ଚାଷ

କୋରାପୁଟ: ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଜମିରେ ସରକାରୀ ବାବୁ କରିଛନ୍ତି ଚାଷ। ନା ଏଥିଲାଗି ସରକାରୀ ସ୍ତରରେ ହୋଇଛି ପଞ୍ଜୀକରଣ ନା କୃଷି ବିଭାଗ ନିକଟରେ ଅଛି ସୂଚନା। ବିଭାଗୀୟ ଅଧିକାରୀଙ୍କୁ ଅନ୍ଧାରରେ ରଖି ୨୦ ଏକର ଜମିରେ କରାଯାଇଛି ଧାନଚାଷ। ଆଉ କିଛି ଦିନ ପରେ ରବିଧାନ ଅମଳ ହେବାକୁ ଥିବା ବେଳେ ବିକ୍ରି ପରେ ସରକାରୀ ତହବିଲ ବଦଳରେ ବାବୁଙ୍କ ପକେଟକୁ ଯିବ ଧାନବିକ୍ରି ବାବଦ ୧୫ ଲକ୍ଷ ଟଙ୍କା। କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ୍ କୃଷି ବିଭାଗର ଏପରି କାରନାମା ଲୋକଲୋଚନକୁ ଆସିବା ପରେ ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଚାଷୀ ସଂଗଠନ। ଚାଷୀଙ୍କୁ ଉନ୍ନତ କିସମର ବିହନ ଯୋଗାଇ ଦେବା ପାଇଁ କୋଟପାଡ଼ରେ ରହିଛି କୃଷି ଫାର୍ମ। ଚାଷୀଙ୍କୁ ଆବଶ୍ୟକ ବିହନ ସବ୍‌ସିଡି ମାଧ୍ୟମରେ ବଣ୍ଟନ ପାଇଁ ନିୟମ ରହିଛି। ଏଥିଲାଗି କୃଷି ବିଭାଗ ଫାର୍ମରେ ୩ରୁ ୪ ଜଣ କର୍ମଚାରୀଙ୍କୁ ନିୟୋଜିତ କରିଛି। ୬୨ ଏକର ପରିମିତ ଅଞ୍ଚଳରେ ଥିବା ଏହି ଫାର୍ମର ୨୩୦ ହେକ୍ଟରରୁ ଅଧିକ ଜମିରେ ବିହନ ଚାଷ କରାଯାଉଛି। ବାକି ଜମି ମଧ୍ୟରୁ ୨୦ ଏକରରେ କୃଷିଫାର୍ମରେ କାମ କରୁଥିବା ଜଣେ ସରକାରୀ ବାବୁ ବେସରକାରୀ ଭାବେ କରିଛନ୍ତି ଧାନଚାଷ। ଚାଷ ପାଇଁ ଫାର୍ମରେ ଥିବା ସରକାରୀ ବିହନ, ସାର ଓ କୃଷି ଯନ୍ତ୍ରପାତି ବ୍ୟବହାର ହୋଇଛି। ବର୍ତ୍ତମାନ ଅମଳ ସମୟ ଆସିଥିବା ବେଳେ ପାଖାପାଖି ୫୦୦ କ୍ୱିଣ୍ଟାଲ୍ ଧାନ ଅମଳ ହେବାର ଆକଳନ କରାଯାଇଛି। ସରକାରୀ ଭାବେ ଧାନବିକ୍ରିର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା। ନିୟମ ଅନୁଯାୟୀ, ଫାର୍ମରେ ଚାଷ ହେବା ପୂର୍ବରୁ ସରକାରୀ ଭାବେ ପଞ୍ଜୀକରଣ କରାଯିବ। ଅମଳ ଧାନରୁ ଉନ୍ନତମାନର ବିହନ ବାହାର କରି ଚାଷୀଙ୍କୁ ବଣ୍ଟନ କରାଯିବ। କିନ୍ତୁ କୋଟପାଡ଼ ଫାର୍ମରେ ବିହନ ଉତ୍ପାଦନ ବଦଳରେ ସରକାରୀ ବାବୁ ବ୍ୟବସାୟକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଗତ କିଛି ବର୍ଷ ଧରି ଫାର୍ମରେ ବେସରକାରୀ ଭାବେ ଧାନଚାଷ କରି ବାବୁ ମାଲାମାଲ ହେଉଥିଲେ ମଧ୍ୟ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିକଟରେ ଏ ନେଇ କୌଣସି ସୂଚନା ନଥିବା ଜଣାପଡ଼ିଛି। ଚଳିତ ରବିଧାନ ଚାଷ ସମ୍ପର୍କରେ ଚାଷୀ ସଂଗଠନ ଅବଗତ ହେବା ପରେ କୃଷି ବିଭାଗକୁ ଅବଗତ କରିଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର କହିଛନ୍ତି, କେଉଁ କର୍ମଚାରୀ ଚାଷ କରିଛନ୍ତି ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।





# କଞ୍ଚା ପିଆଜ ଖାଇବାର ଚମତ୍କାର

ପ୍ରତିଦିନର ଖାଦ୍ୟ ପ୍ରସ୍ତୁତିରେ ପିଆଜ ଏକ ଅତ୍ୟାବଶ୍ୟକ ଉପାଦାନ। ଆମେ ନିତିଦିନିଆ ଜୀବନରେ ଏହାକୁ ତରକାରୀଠାରୁ ଆରମ୍ଭ କରି ସାଲାଡ୍ ପର୍ଯ୍ୟନ୍ତ ବ୍ୟବହାର କରିଥାଉ। ଖାଦ୍ୟର ସ୍ୱାଦ ବଢ଼ାଇବା ସହିତ ଶରୀରକୁ ସୁସ୍ଥ ରଖିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଧିକାଂଶ ଲୋକ କଞ୍ଚା ପିଆଜର ଦୁର୍ଗନ୍ଧ ଯୋଗୁଁ ଏହାକୁ ଖାଇବାକୁ ପସନ୍ଦ କରନ୍ତି ନାହିଁ, କିନ୍ତୁ ଏହାର ଚମତ୍କାର ସ୍ୱାସ୍ଥ୍ୟଗତ ଉପକାରିତା ବିଷୟରେ ଜାଣିଲେ ଆପଣ ବି ଆଶ୍ଚର୍ଯ୍ୟ ହେବେ।

### ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି

କଞ୍ଚା ପିଆଜ ହେଉଛି ଭିଟାମିନ୍-ସି ର ଏକ ଉତ୍କୃଷ୍ଟ ଉତ୍ସ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ପାୱାର୍ ବଢ଼ାଇବାରେ ବିଶେଷ ସାହାଯ୍ୟ କରିଥାଏ। ଶରୀରରେ ଶ୍ୱେତ ରକ୍ତ କଣିକା ସୃଷ୍ଟି କରିବାରେ ଏହା ସହାୟକ ହୁଏ, ଯାହା ଥଣ୍ଡା, ଜ୍ୱର ଏବଂ ଫ୍ଲୁ ଭଳି ସାଧାରଣ ସଂକ୍ରମଣରୁ ରକ୍ଷା କରିଥାଏ।

### ହୃଦୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ

ପିଆଜରେ କ୍ୱେରସେଟିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଥାଏ। ଏହା ଶରୀରରେ ଖରାପ କୋଲେଷ୍ଟ୍ରଲ୍ ସ୍ତରକୁ ହ୍ରାସ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କଞ୍ଚା ପିଆଜ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ସ୍ୱାଭାବିକ ରହେ ଏବଂ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ହେବା ସହ ହୃଦରୋଗର ଆଶଙ୍କା ଯଥେଷ୍ଟ କମ୍ ହୋଇଥାଏ।

### ହଜମ ପ୍ରକ୍ରିୟାରେ ଉନ୍ନତି

ପେଟ ସମସ୍ୟା ଦୂର କରିବାରେ କଞ୍ଚା ପିଆଜ ବେଶ୍ ଉପଯୋଗୀ। ଏଥିରେ ଥିବା ଡାଏଟାରୀ ଫାଇବର ହଜମ ପ୍ରକ୍ରିୟାକୁ ସକ୍ରିୟ କରିଥାଏ। ନିୟମିତ ଏହାକୁ ଖାଇଲେ ଶରୀରରୁ ବର୍ଜ୍ୟବସ୍ତୁ ସହଜରେ ନିଷ୍କାସିତ ହୁଏ ଏବଂ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ।

### ହାଡ଼କୁ କରେ ମଜବୁତ

ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ପିଆଜ ହାଡ଼ ପାଇଁ ମଧ୍ୟ ବହୁତ ଉପକାରୀ। ଏଥିରେ ପ୍ରଚୁର ମାତ୍ରାରେ ସଲଫର୍ ଯୌଗିକ ରହିଥାଏ। ଏହି ଉପାଦାନ କ୍ୟାଲସିୟମ୍ ଅବଶୋଷଣକୁ ବୃଦ୍ଧି କରିବା ସହ ଅଷ୍ଟିଓପୋରୋସିସ୍ ଭଳି ହାଡ଼ ଜନିତ ସମସ୍ୟାରୁ ରକ୍ଷା କରେ।

### ରକ୍ତ ଶର୍କରା ନିୟନ୍ତ୍ରଣ

ମଧୁମେହ ବା ଡାଇବେଟିସ୍ ରୋଗୀଙ୍କ ପାଇଁ କଞ୍ଚା ପିଆଜ ଏକ ରାମବାଣ ସଦୃଶ। ଏଥିରେ ଥିବା କ୍ରୋମିୟମ୍ ଇନସୁଲିନ୍ କ୍ଷମତାକୁ ବୃଦ୍ଧି କରିଥାଏ। ଫଳରେ ରକ୍ତରେ ଶର୍କରା ସ୍ତର ସ୍ୱାଭାବିକ ରହେ ଏବଂ ମଧୁମେହ ହେବାର ଆଶଙ୍କା କମିଯାଏ।


### ମସ୍ତିଷ୍କ ଓ ଓଜନ ପରିଚାଳନା

କଞ୍ଚା ପିଆଜ ଖାଇବା ଦ୍ୱାରା ମସ୍ତିଷ୍କରେ ନ୍ୟୁରୋଟ୍ରାନ୍ସମିଟର ଉତ୍ପାଦନ ବୃଦ୍ଧି ହୁଏ, ଯାହାଫଳରେ ସ୍ମୃତିଶକ୍ତି ଓ ଏକାଗ୍ରତା ବଢ଼ିଥାଏ। ସେହିପରି, ଏଥିରେ ଥିବା କମ୍ କ୍ୟାଲୋରୀ ଏବଂ ଉଚ୍ଚ ମାତ୍ରାର ଫାଇବର ଓଜନ କମାଇବାରେ ମଧ୍ୟ ସାହାଯ୍ୟ କରିଥାଏ।

# ଆଧୁନିକ ସୌନ୍ଦର୍ଯ୍ୟର ନୂତନ ଦିଗ



ଆଧୁନିକ ଜୀବନଶୈଳୀରେ ସୁନ୍ଦର ଓ ଯୁବ ଚର୍ମ ପାଇଁ ଲୋକମାନେ ବିଭିନ୍ନ ବ୍ୟୁଟି ଟ୍ରିଟମେଣ୍ଟ ଦିଗରେ ଆକୃଷ୍ଟ ହେଉଛନ୍ତି। ସେଥିରେ ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ଏକ ନୂତନ ଓ ପ୍ରଭାବଶାଳୀ ପଦ୍ଧତି ଭାବେ ପରିଚିତ ହୋଇଛି। ସର୍ଜରି ବିନା ଚର୍ମକୁ ଟାଇଟ୍ କରିବା, ଚର୍ବି କମାଇବା ଓ ପ୍ରାକୃତିକ ଉଜ୍ଜ୍ୱଳ ଫେରାଇବାରେ ଏହା ବିଶେଷ ଭୂମିକା ଗ୍ରହଣ କରିଛି । ତେଣୁ ଆଜିର ଯୁଗରେ ଏହି ଚିକିତ୍ସା ମଧ୍ୟ ବହୁତ ଲୋକପ୍ରିୟ ହୋଇପାରିଛି। ଏହି ଫେସିଆଲ ସମ୍ପର୍କରେ ସୌନ୍ଦର୍ଯ୍ୟ ବିଶାରଦ ଡା. ଦେବୀ ପୁଷ୍ପା ମହାନ୍ତି କହନ୍ତି, ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ହେଉଛି ଏକ ନନ୍-ସର୍ଜିକାଲ ପ୍ରକ୍ରିୟା, ଯାହାର ଉଚ୍ଚ ତରଙ୍ଗ ଶକ୍ତି ଦ୍ୱାରା ଚର୍ମର ଗଭୀର ସ୍ତରକୁ ଉତ୍ତାପ ପହଞ୍ଚାଏ। ଏହି ଉତ୍ତାପ କୋଲାଜେନ୍ ଉତ୍ପାଦନକୁ ବଢ଼ାଇ ଚର୍ମକୁ ଟାଇଟ୍ ଓ ନରମ କରିଥାଏ। ଫଳସ୍ୱରୂପ ଚର୍ମ ଅଧିକ ଯୁବ, ଆକର୍ଷଣୀୟ ଓ ପତଳା ଦେଖାଯାଏ। ଏହି ଟ୍ରିଟମେଣ୍ଟର ପ୍ରମୁଖ ଲାଭ ହେଉଛି ମୁଖର ଚର୍ବି କମେଇବା ସହ ମୁହଁରେ ନୂତନ ଉଜ୍ଜ୍ୱଳତା ଆଣିଥାଏ। ଏହା ସହିତ ପୋର୍ସ ହ୍ରାସ କରେ ଓ ଫେସ୍‌ରେ ଲିଫ୍ଟିଂ ଏଫେକ୍ଟ ମିଳେ। ବିଶେଷକରି ୨୦ ବର୍ଷ ବୟସ ପରେ ଏହି ଚିକିତ୍ସା କରିବା ଚର୍ମ ଯତ୍ନ ପାଇଁ ଅଧିକ ଉପଯୋଗୀ ହୋଇଥାଏ। ପ୍ରକ୍ରିୟା ଦୃଷ୍ଟିରୁ ଦେଖିଲେ, ପ୍ରଥମେ ଚର୍ମକୁ ସଫା କରାଯାଏ, ପରେ ଏକ ବିଶେଷ ଜେଲ୍ ଲଗାଯାଇ ଆରଏଫ୍ ଡିଭାଇସ୍ ଦ୍ୱାରା ହଲୁକ ମାସାଜ୍ କରାଯାଏ। ପୂରା ପ୍ରକ୍ରିୟା ପ୍ରାୟ ୩୦ ରୁ ୪୫ ମିନିଟ୍ ମଧ୍ୟରେ ସମାପ୍ତ ହୁଏ ଓ ଏହା ବେଶୀ କଷ୍ଟ ଅନୁଭବ ହୁଏନାହିଁ। ଯଦିଓ ଏହା ସୁରକ୍ଷିତ ଚିକିତ୍ସା, ମାତ୍ର କେତେକ ମାମଲାରେ ମୁଖ ହାଲୁକା ଲାଲ ହେବା ବା ତାପ ଅନୁଭବ ହୋଇପାରେ। ଯାହା କିଛି ସମୟରେ ଠିକ୍ ହୋଇଯାଏ। ଏହି ଚିକିତ୍ସାରେ କେତୋଟି ପର୍ଯ୍ୟାୟ ପରେ ତ୍ୱଚାରେ ପରିବର୍ତ୍ତନ ଦେଖାଯାଏ। ଏହି ଫେସିଆଲ ପରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଖରାକୁ ଯିବେ ନାହିଁ। ଏହାସହ ସର୍ବଦା ମୁହଁରେ ସନସ୍କ୍ରିନ୍ ଓ ମଇଶ୍ଚରାଇଜର ଲଗାନ୍ତୁ। ଆଁରଏଫ୍ ଚିକିତ୍ସାର ଭଲ ଫଳାଫଳ ପାଇଁ ପୁଷ୍ଟିକର ଖାଦ୍ୟପେୟ, ନିୟମିତ ବ୍ୟାୟମ କରନ୍ତୁ। ଏହାସହ ଜଙ୍କ୍ ଫୁଡ୍, ମଦ୍ୟପାନ ଓ ଧୂମପାନ ଠାରୁ ଦୂରେଇ ରହିବା ଦରକାର। ଏହି ଟ୍ରିଟମେଣ୍ଟ କରାଇବା ପୂର୍ବରୁ ଜଣେ ପ୍ରଶିକ୍ଷିତ ବ୍ୟୁଟି ଏକ୍ସପର୍ଟ ବା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।



# ବିବାହ ପୂର୍ବରୁ ଓଜନ କମାଇବାର ପ୍ରତିଯୋଗିତା

ଭାରତୀୟ ବିବାହରେ ସୁନ୍ଦର ଓ ଆକର୍ଷକ ଦେଖାଯିବାର ପ୍ରତିଯୋଗିତା ଏବେ ଏତେ ତୀବ୍ର ହୋଇଉଠିଛି ଯେ ଯୁବକ ଓ ଯୁବତୀମାନେ ଅଳ୍ପ ସମୟ ମଧ୍ୟରେ ଓଜନ କମାଇବା ପାଇଁ ବିଭିନ୍ନ ଶର୍ଟକଟ୍ ଉପାୟ ଆପଣାଉଛନ୍ତି। ଏହି ଧାରା ଏବେ ଚିକିତ୍ସା ବିଜ୍ଞାନ ପର୍ଯ୍ୟନ୍ତ ପହଞ୍ଚି ସାରିଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଓଜନ କମାଇବାର ଏହି ପ୍ରତିଯୋଗିତା ଯୋଗୁଁ ଯୁବପିଢ଼ି ଏବେ କେବଳ ବ୍ୟାୟାମ ଓ ଖାଦ୍ୟ ନିୟନ୍ତ୍ରଣ ଉପରେ ଭରସା କରୁନାହାନ୍ତି। ସେମାନେ ଓଜନ କମାଇବା ପାଇଁ ବ୍ୟବହୃତ ହେଉଥିବା ଇଞ୍ଜେକ୍ସନ୍ ଓ ଅନ୍ୟାନ୍ୟ ସହଜ ମାଧ୍ୟମ ପ୍ରତି ଅଧିକ ଆକୃଷ୍ଟ ହେଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଭାରତରେ ଓଜନ ପରିଚାଳନା (**Weight Management**) ବଜାର ୨୦୨୫ ସୁଦ୍ଧା ୨.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି ଏବଂ ୨୦୩୪ ସୁଦ୍ଧା ଏହା ୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବାର ଆକଳନ କରାଯାଉଛି। ଏବେ ଯୁବତୀମାନେ କେବଳ ଓଜନ କମାଇବା ଉପରେ ନୁହେଁ, ବରଂ ଶରୀରର ନିର୍ଦ୍ଦିଷ୍ଟ ଅଂଶରୁ 'ଇଞ୍ଚ୍ ଲସ୍' (**Inch Loss**) ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିବାହ ପୂର୍ବରୁ ମାତ୍ର ତିନି ମାସ ମଧ୍ୟରେ ଅଣ୍ଟାର ଚର୍ବିକୁ ୩ରୁ ୬ ଇଞ୍ଚ୍ କମାଇବା ପାଇଁ ସେମାନେ ୧୫,୦୦୦ରୁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରୁଛନ୍ତି। ଏହି ସବୁ ପ୍ୟାକେଜ୍ ମଧ୍ୟରେ ଓଜନ କମାଇବା ଇଞ୍ଜେକ୍ସନ୍ ସବୁଠାରୁ ଲୋକପ୍ରିୟ ହୋଇଉଠିଛି। କିନ୍ତୁ ଏହି ଶର୍ଟକଟ୍ ଉପାୟଗୁଡ଼ିକ ଶରୀର ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ଓଜନ କମାଇବା ଔଷଧ ବନ୍ଦ କରିବା ମାତ୍ରେ ଓଜନ ପୁଣି ଦ୍ରୁତ ଗତିରେ ବଢ଼ିଯାଏ। ଏହା ଦ୍ୱାରା ବାନ୍ତି, ପେଟ ଜନିତ ସମସ୍ୟା ଏବଂ ପାଚନ ତନ୍ତ୍ରର ଜଟିଳ ରୋଗ ହେବାର ଆଶଙ୍କା ଥାଏ।



# ରାଜ୍ୟ ଖବର



## ବିଗାଡ଼ିଛି ଜୈବ ବିବିଧତା: ପାଣି ପାଇଁ ଡହଳବିକଳ ନଈକୂଳିଆ ଚାଷ

ଝାରସୁଗୁଡ଼ା: ଆଜିକୁ ପ୍ରାୟ ୩ ଦଶନ୍ଧି ହେଲା ହୀରାକୁଦ ଜଳଭଣ୍ଡାରର ଶୁଖିଲା ନଈପଠାରେ ଭଳିକିଭଳି ଖରାଦିନିଆ ପନିପରିବା ଚାଷ ରେକର୍ଡ ପରିମାଣର ହୋଇଆସୁଛି। ଜଳଭଣ୍ଡାରରେ ପାଣି ଶୁଖିବା ମାତ୍ରେ ଚାଷୀ ମଞ୍ଜି ପୋତି ଚାଷ ଆରମ୍ଭ କରିଥାଏ। ପଙ୍କ ଓ ପଟୁମାଟିରେ ଭରପୂର ଏହି ନଈପଠାରେ ପାଣି ମୁନ୍ଦାଏ ବି ଦେବାକୁ ପଡ଼େ ନାହିଁ। କମ୍ ଖର୍ଚ୍ଚ ଓ ପରିଶ୍ରମରେ ଖୁବ ଭଲ ଅମଳ ହୁଏ। ହେଲେ କ୍ରମାଗତ ମେ’ ମାସର ବର୍ଦ୍ଧିତ ଖରା ଯୋଗୁଁ ଏବେ ସେହି ଫସଲ କିଆରି ପାଣି ମାଗିଲାଣି। ଦିନକୁ ଦିନ ମାଟିର ଆଦ୍ରତା ନିମ୍ନଗାମୀ ହେବାକୁ ବସିଥିବା ବେଳେ ଏହା ଜୈବ ବିବିଧତାକୁ ବି ବିଗାଡ଼ିବାକୁ ଲାଗିଲାଣି। ହୀରାକୁଦ ଜଳଭଣ୍ଡାରରେ ପ୍ରତିବର୍ଷ ଫେବ୍ରୁଆରି ଶେଷ ଆଡ଼କୁ ପାଣି ଘୁଞ୍ଚିବା ଆରମ୍ଭ କରିଥାଏ। ଆଉ ମାର୍ଚ୍ଚ ଶେଷ ବେଳକୁ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ୍‌ର ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ପନିପରିବା ଚାଷ ହୁଏ। ମାର୍ଚ୍ଚ ମାସରେ ଚାଷୀ ଉକ୍ତ ଶୁଖିଲା ନଈପଠାରେ ଲାଉ, ପାଣିକଖାରୁ, ମାଖନ (କଖାରୁ), କଲରା, ତରଭୁଜ, ବଙ୍ଗଳା (ଖରବୋଜ ଫଳ), ପାତଲଘଣ୍ଟା (ଟମାଟୋ), ଝୁଡ଼ୁଙ୍ଗ ଭଳି ବିଭିନ୍ନ ପ୍ରକାର ପନିପରିବା ପାଇଁ ମଞ୍ଜି ପୋତି ଦେଇଥାଏ। ଯାହାକି ମେ’ ମାସ ବେଳକୁ ଉତ୍ପାଦନ ଆରମ୍ଭ ହୋଇଯାଏ। ଏଥିପାଇଁ ଆଗରୁ ମୁନ୍ଦାଏ ବି ପାଣି ଦେବାକୁ ପଡୁନଥିଲା। କେବଳ ଚାରା ପୋତିବା ବେଳେ ମାଟିକୁ ଓଦା କରିବାକୁ ଯାହା ମନ୍ଦା ପିଛା ଅଧ ବାଲଟି ପାଣିରେ କାମ ଚଳି ଯାଉଥିଲା। ହେଲେ ଗତ କିଛିବର୍ଷ ହେଲା ଏହି ଫସଲ ବି ପାଣି ମାଗିଲାଣି। ବିଶେଷ କରି ମେ ମାସର ଦ୍ବିତୀୟ ସପ୍ତାହ ପରଠାରୁ ବୃଦ୍ଧି ପାଉଥିବା ତାପମାତ୍ରା ହିଁ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଥିବା ବେଳେ ପୂର୍ବପରି ନଦୀର ସ୍ରୋତ ବି ଆଉ ନାହିଁ। ଏଭଳି ସ୍ଥିତିରେ ବର୍ତ୍ତମାନ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ଏକ ଆକଳନ ଅନୁଯାୟୀ, ଲଖନପୁର ବ୍ଲକ୍‌ର ଜମଗାଁ, କତରବଗା, ପଲସଦା, ଭିଖମପାଲି, ବାଦିମାଲ ଆଦି ପଞ୍ଚାୟତର ଜଳଭଣ୍ଡାର କୂଳରେ ଥିବା ଗାଁର ଲୋକେ ପ୍ରାୟ ୨୦ ହଜାରରୁ ଅଧିକ ଏକର ଜମିରେ ପନିପରିବା ଚାଷ କରି ଆସୁଛନ୍ତି। ବେସରକାରୀ ଆକଳନ ଅନୁଯାୟୀ, ଏଥିରୁ ମାତ୍ର ୨ ମାସ ମଧ୍ୟରେ ୮୦ ହଜାର ଟନ୍ ପାଖାପାଖି ପନିପରିବା ଉତ୍ପାଦନ ହେଉଛି। ଏହା ଛତିଶଗଡ଼ରୁ ଆରମ୍ଭ କରି ଉପକୂଳ ଓଡ଼ିଶା ତଥା ବିଭିନ୍ନ ପଡ଼ୋଶୀ ରାଜ୍ୟକୁ ବି ଯୋଗାଣ ହେଉଛି। ଏଭଳି ସ୍ଥିତିରେ ଗତ ୨୦୧୦ ମସିହାରେ ଏକ ବେସରକାରୀ ଆକଳନ ମୁତାବକ ଏଠାରୁ କମ୍ ଜମିରେ ଚାଷ ହେବା ସତ୍ତ୍ୱେ ଉତ୍ପାଦନ ୮୦ ହଜାର ଟନ୍ ପାର କରୁଥିଲା। ହେଲେ ଗତ ୨୦୧୬-୧୭ ପରଠାରୁ ଏଥିରେ ଗୁରୁତର ହ୍ରାସ ପରିଲକ୍ଷିତ ହୋଇଛି। ଏହି ପନିପରିବାକୁ କିଣୁଥିବା କିଛି ବଡ଼ ବ୍ୟବସାୟୀଙ୍କ ସୂଚନା ମତେ, ଗତ ୨୦୧୬ ମସିହାରେ କଖାରୁ, ଲାଉ, ତରଭୁଜ, କଲରା ଆଦି ମିଶି ମୋଟ ୭୫ରୁ ୮୫ ହଜାର ଟନ୍ ଯାଏଁ ବାହାରକୁ ଯୋଗାଣ ହୋଇଥିଲା। କିନ୍ତୁ ୨୦୧୮ରୁ ୨୦୨୦ ମଧ୍ୟରେ ଏହା ୭୦ ହଜାର ଟନ୍‌କୁ ଖସି ଆସିଥିଲା। ସେହିପରି ୨୦୨୦ରେ କୋଭିଡ୍ ସମୟରେ ଛତିଶଗଡ଼ର ସବୁ ଶିଳ୍ପ ସଂସ୍ଥା ବନ୍ଦ ଥିବାରୁ ଜଳଭଣ୍ଡାରର ପାଣି କମିନଥିଲା। ଫଳରେ ଚାଷ ପ୍ରାୟତଃ ଠପ୍ ହୋଇ ଯାଇଥିଲା। କିନ୍ତୁ ୨୦୨୧ରେ ଉତ୍ପାଦନ ୬୩ ହଜାର ଟନ୍‌କୁ ହ୍ରାସ ପାଇଥିବା ଆକଳନ କରାଯାଇଛି। ତେବେ ୨୦୨୨ ପରଠାରୁ ପଲସଦା, ନାଚେନମୁରା ଏବଂ ଝାରୁପଡ଼ାରେ ଅଧିକ ପ୍ରାୟ ଶହେ ଏକର ପାଖାପାଖି ଅଞ୍ଚଳରେ ଚାଷ ହେବା ପରେ ଅମଳ ପରିମାଣ ପୁଣି ୮୦ ହଜାର ଟନ୍‌କୁ ବୃଦ୍ଧିପାଇଥିଲା। ତେବେ ଗତ ଦୁଇବର୍ଷ ହେବ ନଈପଠା ଶୁଖିଲା ରହିବା କାରଣରୁ ପୁଣି ଉତ୍ପାଦନ ୮୦ ହଜାର ଟନ୍ ଭିତରେ ସୀମିତ ରହୁଥିବା ବ୍ୟବସାୟୀଙ୍କ ହିସାବରୁ ଜଣାପଡୁଛି। ଏଠାରେ ଚାଷ କରୁଥିବା କିଛି ଅଭିଜ୍ଞ ଚାଷୀଙ୍କ ମଧ୍ୟରୁ ଝାରୁପଡ଼ା ଗାଁର ପ୍ରଦୀପ ସାଙ୍କ କହିବା କଥା ହେଲା, ବର୍ଷକୁ ବର୍ଷ ନଈପଠାର ଆର୍ଦ୍ରତା ହ୍ରାସ ପାଇବାରେ ଲାଗିଛି। ଏଠାରେ ଜଳସେଚନର ସୁବିଧା ନଥିବାରୁ ଫସଲ ବଞ୍ଚାଇବା କାଠିକର ପାଠ ହେଲାଣି। ଏହି ପରିପ୍ରେକ୍ଷୀରେ ନଈପଠା ଭିତରେ ଅଧିକାଂଶ ଚାଷୀ ରିଙ୍ଗ୍ କୂଅ ଖୋଳି ଟୁଲୁ ପମ୍ପରେ ପାଣି ଉଠାଇ ଫସଲ ବଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ ସେଥିରେ ଖର୍ଚ୍ଚ ଓ ପରିଶ୍ରମ ତୁଳନାରେ ଲାଭ ସେତିକି ମିଳୁନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ୧୫ ବର୍ଷର ରେକର୍ଡକୁ ଅନୁଧ୍ୟାନ କଲେ ମେ’ ମାସର ତାପମାତ୍ରା ଗତ ୨୦୨୪ ପରଠାରୁ ସର୍ବାଧିକ ରହି ଆସୁଛି। ଏପରିକି ଅନେକ ଦିନ ୪୬ ଡିଗ୍ରି ପାର କରୁଛି। ଏହା ହିଁ ମାଟିର ଶୁଷ୍କତାକୁ ବଢ଼ାଇବା ସହ ଫସଲ ଉତ୍ପାଦନରେ ଗୁରୁତର ପ୍ରଭାବ ସୃଷ୍ଟି କରୁଛି। କୃଷି ବୈଜ୍ଞାନିକଙ୍କ ମତରେ ଏଭଳି ଲତା ଜାତୀୟ ଫସଲ ପାଇଁ ମାଟିର ଆର୍ଦ୍ରତା ୧୫ ସେଣ୍ଟିମିଟର ଭିତରେ ରହିବା କଥା। ହେଲେ ବର୍ତ୍ତମାନର ତାତି ପାଇଁ ତାହା ୨୫ ସେଣ୍ଟିମିଟର ଯାଏଁ ଖସିଗଲାଣି।

## ମାଲକାନଗିରିରେ ଜାପାନର ମିଆଜାକି ଆମ୍ବ ଚାଷ



ମାଲକାନଗିରି: ଆମ୍ବକୁ ଫଳର ରାଜା କୁହାଯାଏ। ଭଳିକି ଭଳିକି ଆମ୍ବ ପାଇଁ ଭାରତ ପ୍ରସିଦ୍ଧ, ଏହା ମଧ୍ୟରେ ଜାପାନର ମିୟାଜାକି ଆମ୍ବ କେବଳ ରଙ୍ଗ, ସ୍ୱାଦୁ ପାଇଁ ନୁହେଁ ଏହାର ଚଢ଼ାମୂଲ୍ୟ ନିମନ୍ତେ ମଧ୍ୟ ଚହଳ ସୃଷ୍ଟି କରିଛି। ଗୋଟିଏ ଗୋଟିଏ ଆମ୍ବର ଓଜନ ପ୍ରାୟ ୧ କିଲୋଗ୍ରାମ ରହିଥିବା ବେଳେ ଭାରତ ବଜାରରେ ଏହା କିଲୋଗ୍ରାମ ପିଛା ୩ହଜାରରୁ ୧୦ ହଜାର ଟଙ୍କା ଯାଏଁ ରହିଛି। ଏବେ ଏହି ମୂଲ୍ୟବାନ ଆମ୍ବ ଚାଷ ଆରମ୍ଭ ହୋଇଥିବା ବେଳେ ଓଡ଼ିଶାର ଦକ୍ଷିଣ ସୀମା ମାଲକାନଗିରିରେ ପହଞ୍ଚିଛି। ମାଲକାନଗିରିରେ ଏହି ଆମ୍ବ କିଭଳି ପହଞ୍ଚିଲା ତା’ର କାହାଣୀ ଯେପରି ରୋଚକ, ଆମ୍ବର ଚାଷ ଓ ସୁରକ୍ଷା ପାଇଁ ଏହାର ମାଲିକଙ୍କ ଦେହଗଞ୍ଜର କାହାଣୀ ସେଭଳି ଚମକପ୍ରଦ ଅଟେ।

ମାଲକାନଗିରି ତମସା ଗାଁର ଦେବା ମାଡକାମୀ ଏହି ମିଆଜାକି ଆମ୍ବ ଚାଷ କରିଛନ୍ତି। ଚାରି ବର୍ଷ ତଳେ ମାଲକାନଗିରିର ସର୍ବ କୁମାର ବିଷୋୟୀ ନାମକ ବ୍ୟକ୍ତି ତାଂକୁ ଏହି ବୃକ୍ଷର ଚାରା ପ୍ରଦାନ କରିଥିଲେ। ଶ୍ରୀ ବିଷୋୟୀ ‘ସାରା ଓଡିଶା’ର ସଂଯୋଜକ ଅଟନ୍ତି। ଏହି ଚାରା ସେ ଭୁବନେଶ୍ୱରରୁ ପାଇଥିଲେ। ତେବେ ନିଜ ବାଡ଼ିରେ ସ୍ଥାନର ଅଭାବ ଥିବାରୁ ଏହି ବୃକ୍ଷଚାରାକୁ ଦେବାଙ୍କୁ ଦେଇ ବଗିଚାରେ ଲଗାଇବାକୁ ପ୍ରବର୍ତ୍ତାଇଥିଲେ। ସୁନା ଠାରୁ ବି ଅଧିକା ମୂଲ୍ୟବାନ ହୋଇଥିବାରୁ ଦେବା ଏହି ଗଛକୁ ନିଜେ ସୁରକ୍ଷା ପ୍ରଦାନ କରୁଛନ୍ତି। ପ୍ରତିଦିନ ଆମ୍ବକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। କାଳେ କେହି ନିକଟକୁ ଆସି ଆମ୍ବ ତୋଳି ନେଇଯିବେ ଏହି ଭୟ ମଧ୍ୟ ଲାଗିରହିଛି, ଏଣୁ ଦୂରରୁ ଲୋକଙ୍କୁ ଠିଆ କରି ଆମ୍ବକୁ ଦେଖିବାକୁ କୁହାଯାଉଛି। ଆମ୍ବ ଗଛ ଚାରିପଟେ ବାଡ଼ ଦେବା ସହ କୌଣସି ବ୍ୟକ୍ତିକୁ ବାଡରେ ପଶିବାକୁ ମନା କରାଯାଉଛି। ତେବେ ଜିଲ୍ଲାରେ କିମ୍ବା ସାରା ଓଡିଶାରେ ଏହି ଆମ୍ବ କିଣିବା ପାଇଁ ସକ୍ଷମ ଲୋକଙ୍କ ଅଭାବ ଥିବାରୁ ଏବେ ଏହି ଆମ୍ବକୁ ଦେବା କେଉଁଠି ବିକ୍ରି କରିବେ ଜାଣିପାରୁ ନାହାନ୍ତି। ମାଲଭୂମୀ ଅଂଚଳରେ ଏହି ଆମ୍ବ ଫଳିଥିବାରୁ ଆଗାମୀ ଦିନରେ ମଧ୍ୟ ଏହି ଆମ୍ବ ଗଛକୁ ଜିଲ୍ଲାର ବିଭିନ୍ନ ଅଂଚଳରେମଧ୍ୟ ଫଳାଯାଇପାରିବ ବୋଲି କୁହାଯାଇଛି। ସାରା ବଗିଚାକୁ ସୁରକ୍ଷା ଦେବା ପାଇଁ ୯ଟି ହିଂସ୍ର ଜାତିର କୁକୁର ପାଳିଛନ୍ତି। ଏହି ଆମ୍ବ ଚୋରି ହେବାର ଭୟ ରହିଥିବାରୁ ଦେବା ଦିନରାତି ଏକ କରି ଜଗ ରହିଛନ୍ତି। ଏବେ ଆମ୍ବ ପାଚିବା ଆରମ୍ଭ କରିଛି। ଆଗାମୀ ଦିନରେ ଏହି ଆମ୍ବକୁ ଆହୁରି ବଢାଇବା ପାଇଁ ସ୍ଥିର କରିଥିଲେ ମଧ୍ୟ ଏହାର ସୁରକ୍ଷା ଏବଂ ବିକ୍ରି ପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଛି ବୋଲି ଦେବା କହିଛନ୍ତି। ସୂଚନାଯୋଗ୍ୟ, ଜାପାନରେ ଏହି ଆମ୍ବ ଫଳୁଥିବାରୁ ସେଠାରେ ଏହି ଆମ୍ବକୁ ଜାପାନୀ ଭାଷାରେ ତାୟୋଗ-ନୋ-ତମାଗୋ ବା ଏଗ୍ ଅଫ ସନ୍ ଅର୍ଥାତ ସୂର୍ଯ୍ୟଙ୍କର ଅଣ୍ଡା ବୋଲି କୁହାଯାଏ। ଜାପାନର ଆମ୍ବର ଦର କିଲୋଗ୍ରାମ ପିଛା ଅଢ଼େଇ ଲକ୍ଷରୁ ୩ଲକ୍ଷ୍ୟ ରହିଛି। ଏହା ଦେଖିବାକୁ ଲାଲ୍। ଦେଶର ଦୁଇ ତିନୋଟି ସ୍ଥାନରେ ହିଁ ଏହି ବିରଳ ପ୍ରଜାତିର ଆମ୍ବ ଗଛ ରହିଥିବା ଜଣାଯାଏ। ମଧ୍ୟପ୍ରଦେଶର ଜବଲପୁର ଠାରେ ଏହି ପ୍ରଜାତିର ଆମ୍ବ ବଗିଚା ରହିଛି।

## ବିପଦରେ ପ୍ରାଣୀସମ୍ପଦ: ସୁନ୍ଦରଗଡ଼ରେ କମୁଛି ଚାଷଜମି

ରାଉରକେଲା: ସୁନ୍ଦରଗଡ଼ ଜିଲ୍ଲାରେ କମୁଛି ଚାଷଜମି। ଘରବାରିରେ ପରିବର୍ତ୍ତିତ ହେଉଛି । ଜମି ବ୍ୟବସାୟୀ ଶହଶହ ଏକର ଚାଷଜମିକୁ ପ୍ଲଟିଂ କରି ବଡ଼ବଡ଼ ସଂସ୍ଥାକୁ ଟେକି ଦେଉଛନ୍ତି। ଗଢ଼ି ଉଠୁଛି ଆପାର୍ଟମେଣ୍ଟ, ବ୍ୟବସାୟିକ ଅନୁଷ୍ଠାନ ଓ ଶିଳ୍ପ କାରଖାନା। ପୂର୍ବରୁ ଯେଉଁଠି ଚାଷ ହେଉଥିଲା, ସେଠି ଏବେ ବହୁତଳ ବିଶିଷ୍ଟ ପ୍ରାସାଦ ଛିଡ଼ା ହୋଇଛି। ଚାଷ କମୁଛି, କୃଷିଜାତ ଉତ୍ପାଦନ ମଧ୍ୟ ହ୍ରାସ ପାଉଛି। ଚାଷୀଙ୍କ ଅର୍ଥନୈତିକ ବିକାଶ ବାଧାପ୍ରାପ୍ତ ହେଉଛି। ସମାନସ୍ଥିତି ଉପୁଜିଛି ଗୋଚର ଜମିରେ। ପୂର୍ବରୁ ପ୍ରାଣୀ ସମ୍ପଦ ପାଇଁ ଯେତିକି ଗୋଚର ଜମି ଥିଲା। ଏବେ ନାହିଁ, କେଉଁଠି ଜମିମାଫିଆଙ୍କ କବ୍‌ଜାକୁ ଚାଲିଗଲାଣି। ଅନ୍ୟ କେଉଁଠି ଠିଆ ହେଲାଣି ବ୍ୟବସାୟିକ ପ୍ରତିଷ୍ଠାନ। ଚାଷୀ ଓ ପ୍ରାଣୀସମ୍ପଦ ଉପରକୁ ମାଡ଼ିଆସୁଥିବା ବିପଦକୁ ରୋକିବାକୁ ସରକାର ଏବେଠୁ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକ ରହିଛି। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ରେ ମୋଟ ୩ .୨ ଲକ୍ଷ ହେକ୍ଟର ଚାଷ ଜମି ରହିଛି। ୧.୧୦ ଲକ୍ଷ ହେକ୍ଟର ରବି ଫସଲ ଓ ଅବଶିଷ୍ଟ ଜମିରେ ଖରିଫ ଚାଷ ହୋଇଥାଏ। ୨୦୨୧ରେ ସୁନ୍ଦରଗଡ଼ ଲାଠିକଟା, କୁଆରମୁଣ୍ଡା, ନୂଆଗାଁ ଓ ବିଶ୍ରା ବ୍ଲକରେ ମୋଟ ୮୪,୦୫୮ ହେକ୍ଟର ଚାଷ ଜମିଥିଲା। ଏବେ ଚାରି ବ୍ଲକରେ ମୋଟ ଚାଷ ଜମି ହେଉଛି ୭୦, ୭୪୦ ହେକ୍ଟର। ଅର୍ଥାତ୍ ୫ ବର୍ଷ ପରେ ୧୩ ହଜାର ୩୧୮ ହେକ୍ଟର ଚାଷ ଜମି କମିଛି। ଲାଠିକଟାରେ ୨୦୨୧ରେ ଥିଲା ୨୪, ୬୯୫ ହେକ୍ଟର ଚାଷ ଜମି। ଏବେ ଅଛି ୨୧, ୫୬୯। କୁଆରମୁଣ୍ଡାରେ ଥିଲା ୨୨,୫୧୬ ହେକ୍ଟର, ଏବେ ୧୯,୫୨୪ ହେକ୍ଟର। ନୂଆଗାଁରେ ୨୭,୪୮୩ ହେକ୍ଟର, ଏବେ ୨୨, ୩୯୫ ହେକ୍ଟର। ବିଶ୍ରାରେ ଥିଲା ୯,୩୬୪ ହେକ୍ଟର, ଏବେ ୭,୨୫୨ ହେକ୍ଟର। ୫ ବର୍ଷ ମଧ୍ୟରେ ଲାଠିକଟାରେ ୫,୧୨୬, କୁଆ ।ରମୁଣ୍ଡାରେ ୨,୯୯୨ ହେକ୍ଟର, ନୂଆଗାଁରେ ୫,୦୮୮ ହେକ୍ଟର ଓ ବିଶ୍ରାରେ ୨,୧୧୨ ହେକ୍ଟର ଚାଷ ଜମି କମିଛି। ସେମିତି ବଣାଇ, ଲହୁଣିପଡା, କୋଇଡା ଓ ଗୁରୁଣ୍ଡିଆରେ ଗତ ୨୦୨୧ରେ ୬୪ ହଜାର ୯୮୮ ହେକ୍ଟର ଚାଷ ଜମିଥିଲା। ଏବେ ରହିଛି ୬୧ ହଜାର, ୧୦୪ ହେକ୍ଟର। ଅର୍ଥାତ୍ ୫ ବର୍ଷ ମଧ୍ୟରେ ୩ ହଜାର ୮୮୪ ହେକ୍ଟର ଚାଷ ଜମି କମିଛି। ବଣାଇରେ ଗତ ୫ ବର୍ଷ ମଧ୍ୟରେ ୨, ୨୧୧ ହେକ୍ଟର, ଲହୁଣିପଡାରେ ୬୦୮ ହେକ୍ଟର, କୋଇଡ଼ାରେ ୬୦୬ ହେକ୍ଟର ଓ ଗୁରୁଣ୍ଡିଆରେ ୪୫୯ ହେକ୍ଟର ଚାଷ ଜମି କମିଛି। ସେହି ସମାନସ୍ଥିତି ରାଜଗାଙ୍ଗପୁର, ଲେଫ୍ରିପଡ଼ା, ସବ୍‌ଡେଗା, ବାଲିଶଙ୍କରା, ଟାଙ୍ଗରପାଲି, କୁତ୍ରା, ବଡ଼ଗାଁ , ହେମଗିରି ଓ ସୁନ୍ଦରଗଡ଼ ସଦର ବ୍ଲକରେ।

## ନବରଙ୍ଗପୁରରେ ୭୯ହଜାର୨୮୫ କେନ୍ଦୁପତ୍ର ତୋଳାଳିଙ୍କୁ ମିଳିନି ବୋନସ

ନବରଙ୍ଗପୁର: ୨୦୨୫ମସିହାରେ କେନ୍ଦୁପତ୍ର କେରି ବିକ୍ରୀ କରିଥିବା ୭୯,୨୮୫ଜଣ କେନ୍ଦୁପତ୍ର ତୋଳାଳିଙ୍କୁ ୨୫ ପ୍ରତିଶତ ବୋନସ ଟଙ୍କା ସହ ଟୋପି ବାବଦରେ ୧୦୦, ଚପଲ ପାଇଁ ୧୬୦ଓ ପତ୍ର ବନ୍ଧେଇ କପଡା ପାଇଁ ୨୦୦ଟଙ୍କା ଲେଖାଏଁ ଏଯାଏଁ ମିଳିନି। ମିଳିଥିବା ତଥ୍ୟାନୁସାରେ, ୨୦୨୫ମସିହାରେ ନବରଙ୍ଗପୁର ଡିଭିଜନ ଅଧୀନରେ ଜିଲ୍ଲାରେ ୬ଟି ଯଥା ନବରଙ୍ଗପୁର, ପାପଡାହାଣ୍ଡି, ଉମରକୋଟ, ରାଇଘର, ଚନ୍ଦାହାଣ୍ଡି, ଡାବୁଗାଁ ରେଂଜ ଓ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ରେଂଜରେ ୭୯,୨୮୫ଜଣ କେନ୍ଦୁପତ୍ର ତୋଳାଳିଙ୍କ ଠାରୁ ୫କୋଟି ୯୭ଲକ୍ଷ ୯୯୦ କେରି କିଣାଯାଇଛି। କେରି ପିଛା ୩ ଟଙ୍କା୨୦ପଇସା ହିସାବରେ ୧୬କୋଟି ୩୧ଲକ୍ଷ ୭ହଜାର ୧୬୮ଟଙ୍କାର କିଣାଯାଇଛି।

୨୦୨୬ବର୍ଷରେ ୬ଟି ରେଞ୍ଜରେ ୪୫ହଜାର ଶ୍ରମିକଙ୍କ ଦ୍ୱାରା ୫୪ହଜାର ୨୦୦ଟି କେନ୍ଦୁ ଗୁଚ୍ଛା କୋଟେଇ କରାଯାଇଛି। ଚଳିତ ବର୍ଷ କେନ୍ଦୁପତ୍ର ଉତ୍ପାଦନ ପାଇଁ ସମୟ ଆଦୌ ଅନୁକୂଳ ହେଉନଥିବା ଦେଖାଯାଇଛି। ଜାନୁଆରି ଓ ଫେବ୍ରୁଆରି ମାସରେ କେନ୍ଦୁ ଗୁଚ୍ଛା କୋଟେଇ ( ନୂଆପତ୍ର କଅଁଳିବା ପାଇଁ କେନ୍ଦୁଗଛକୁ କଟାଯାଏ) ଆରମ୍ଭ ହୋଇଯାଏ। ପତ୍ର କଅଁଳିବା ପାଇଁ ଗୋଟିଏ ମାସ ଛଡ଼ାଯାଏ। ଏ ଭିତରେ ପତ୍ର କଅଁଳି ଯାଇଥାଏ। ମାର୍ଚ୍ଚ ଠାରୁ ଜୁନ ମାସ ପର୍ଯ୍ୟନ୍ତ ପତ୍ର ତୋଳାଯାଏ । ସାମାନ୍ୟ ବର୍ଷା କମିବା ପରେ ତୋଳାଳି ମାନେ ତୋଳିବା ଆରମ୍ଭ କରିଥିଲେ। ତେବେ ଏହାକୁ କେରି ବାନ୍ଧିବା ଏବଂ ଫଡ଼ିକୁ ନେବା ପୂର୍ବରୁ ଅପରାହ୍ନରେ ଜିଲ୍ଲାରେ ଅଦିନିଆ ବର୍ଷା ସାଙ୍ଗକୁ ଏବଂ କାଳବୈଶାଖୀ ଏହି ବ୍ୟବସାୟକୁ ଶକ୍ତ ଝଟ୍‌କା ଦେଇଛି। କେନ୍ଦୁ ଗୁଚ୍ଛା କୋଟେଇ ପରେ ବି ଭଲ ପତ୍ର ନ କଅଁଳିବା, ବର୍ଷାରେ ପତ୍ର ଓଦା ହେବା ପରେ ପତ୍ରର ଗୁଣାତ୍ମକ ମାନ ନ ରହୁନଥିବା ବେଳେ ତୋଳାଳୀମାନେ ମଧ୍ୟ ନିଜ ଶ୍ରମ ଅନୁଯାୟୀ ଉଚିତ ପାଉଣା ପାଉନାହାନ୍ତି।

୨୦୨୬ମସିହାରେ ୮୦ହଜାର ତୋଳାଳିଙ୍କ ଠାରୁ କେନ୍ଦୁପତ୍ର କେରୀ କିଣିବା ଲକ୍ଷ୍ୟ ରହିଛି ବୋଲି ନବରଙ୍ଗପୁର କେନ୍ଦୁଲିଫ ଡିଭିଜନ ଡିଏଫଓ ପକ୍ଷରୁ ସୂଚନା ମିଳିଛି। କେନ୍ଦୁପତ୍ର ତୋଳା କାମରେ ଜିଲ୍ଲାର ୮୦ରୁ ୯୦ ହଜାର ପରିବାର ନିୟୋଜିତ ହେଉଥିବା ବେଳେ ଏଥିରେ ତାଙ୍କର ଆର୍ଥିକ ସ୍ଥିତିରେ ମଧ୍ୟ ସୁଧାର ଆସିଥାଏ। ଶ୍ରମିକମାନଙ୍କୁ ପତ୍ରତୋଳା ବାବଦ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ, ପୂର୍ବରୁ ୧ ହଜାର କେରି ବଦଳରେ ଯେଉଁ ସୁବିଧା ମିଳୁଥିଲା ଏବେ ୨ ହଜାର କେରି ଦେଲେ ସେହି ସୁବିଧା ଦେବା ଶ୍ରମିକଙ୍କୁ ହତାଶ କରିଛି। ତୋଳାଳି କଲ୍ୟାଣ ପାଣ୍ଠି ଅଧୀନରେ ୯୧ଜଣଙ୍କୁ କୋଟିଏ ୭୯ଲକ୍ଷ ଦିଆଯାଇଛି ବୋଲି କହିଛନ୍ତି ଡିଏଫଓ।

# କୃଷକମାନଙ୍କର ସେବା କରିବା ଈଶ୍ୱରଙ୍କ ସେବା ସହିତ ସମାନ: କେନ୍ଦ୍ର କୃଷିମନ୍ତ୍ରୀ

ଭୁବନେଶ୍ୱର: ଚାଷୀମାନେ କେବଳ 'ଅନ୍ନଦାତା' ନୁହନ୍ତି, ସେମାନେ 'ଜୀବନଦାତା'। କୃଷକମାନଙ୍କର ସେବା କରିବା ଈଶ୍ୱରଙ୍କ ସେବା ସହିତ ସମାନ। ତେଣୁ କୃଷକର ଆୟ କିପରି ବଢ଼ିବ, ତା'ର ସବୁ ଉତ୍ପାଦର ଯେପରି ଉଚିତ ମୂଲ୍ୟ ପାଇବ, ଗୋଟିଏ ଜମିରେ ବିଭିନ୍ନ ପ୍ରକାରର ଫସଲ କରି ଦେଶର ଚାହିଦା ପୂରଣ କରିବ ସେ ନେଇ କେନ୍ଦ୍ର ସରକାର ବହୁ ଯୋଜନା କରୁଛନ୍ତି। ସବ୍‌ସିଡିରେ ସାର, ବିହନ ଯୋଗାଇ ଦେଉଛନ୍ତି। କିନ୍ତୁ କେତେକ ଅସାଧୁ ବ୍ୟବସାୟୀ ବଜାରରେ ନକଲି ସାର, ନକଲି କୀଟନାଶକ ଓ ନକଲି ବିହନ ଯୋଗାଣ କରୁଛନ୍ତି। ଫଳରେ ମାଟିର ସ୍ୱାସ୍ଥ୍ୟ ବିଗିଡ଼ିବା ସହ ଆମେମାନେ (ମଣିଷ) ବି ରୋଗଣା ହେଉଛନ୍ତି। ଅସାଧୁ ବ୍ୟବସାୟୀଙ୍କ ଏହି କାର୍ଯ୍ୟକୁ ଚାଷୀଙ୍କ ବିରୋଧରେ ଗମ୍ଭୀର ଅପରାଧ ବୋଲି ଧରାଯିବ। ଏଥିପାଇଁ ଜେଲ୍ ଦଣ୍ଡ ସହ ମୋଟା ଅଙ୍କର ଜରିମାନା ଲାଗୁ ହେବ। ଏଥିପାଇଁ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ୧୯୬୮ ମସିହାର ଆଇନକୁ ସଂଶୋଧନ କରି 'ନୂଆ କୀଟନାଶକ ବିଲ୍' ଆଣିବେ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି। ମଙ୍ଗଳବାର ହୋଟେଲ ମେ' ଫେୟାରରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ଚୌହାନ କହିଥିଲେ, ବିକଶିତ ଭାରତ ଯାତ୍ରାରେ କୃଷି ହେଉଛି ମେରୁଦଣ୍ଡ। କୃଷି କ୍ଷେତ୍ରରେ ତିନିଟି ପ୍ରମୁଖ ପ୍ରାଥମିକତା ହେଉଛି ୧୪୦ କୋଟି ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ପୁଷ୍ଟିକର ଖାଦ୍ୟ ଯୋଗାଇବା, କୃଷକଙ୍କ ପାଇଁ ଉତ୍ତମ ଜୀବିକା ଓ ଉଚ୍ଚ ଆୟ ସୁରକ୍ଷିତ କରିବା। ଏହାସହ ଶ୍ରୀ ଚୌହାନ କହିଛନ୍ତି ଯେ ଓଡ଼ିଶାର ଚାଷୀ କେବଳ ଧାନ କି ଭାରତର ଚାଷୀ କେବଳ ଧାନ କିମ୍ବା ଗହମ ଚାଷରେ ସୀମିତ ନ ରହନ୍ତୁ। ଡାଲି ଜାତୀୟ ଓ ତୈଳବୀଜ ଫସଲ କରନ୍ତୁ। କାରଣ ଆମ ଦେଶର ଚାହିଦା ଅନୁଯାୟୀ ଏହା ଉତ୍ପାଦନ ହେଉନି। ଚାଷୀ ଉତ୍ପାଦନ କରିବାକୁ ଥିବା ସମସ୍ତ ଡାଲି ଓ ତୈଳଜାତ ଫସଲକୁ ଏମ୍‌ଏସ୍‌ପି ଦେଇ କିଣିବାକୁ ନିୟମ କରାଯାଇଛି। ଗୋଟିଏ ଜମିରେ ଏକାଧିକ ଫସଲ କଲେ ଚାଷୀର ଆୟ ବଢ଼ିବ ଏବଂ ମାଟିର



ସ୍ୱାସ୍ଥ୍ୟ ଭଲ ରହିବ। କୌଣସି ଚାଷୀ ବିନା ବୈଜ୍ଞାନିକ ପରାମର୍ଶରେ ଜମିରେ ମନଇଚ୍ଛା ସାର ବ୍ୟବହାର କରନ୍ତୁନି। ସମନ୍ୱିତ କୃଷିକୁ ଆପଣାନ୍ତୁ। ଉଦ୍ୟାନ କୃଷି, ମତ୍ସ୍ୟପାଳନ, ପ୍ରାଣୀସମ୍ପଦ, ମହୁମାଛି ପାଳନ ଏବଂ କୃଷି-ବନୀକରଣ ସହିତ ଫସଲ ଚାଷକୁ ମିଶ୍ରଣ କରିବା ଦ୍ୱାରା କ୍ଷୁଦ୍ର ଚାଷୀଙ୍କ ଆୟ ଯଥେଷ୍ଟ ବୃଦ୍ଧି ପାଇବ। ଏହାକୁ କୃଷି ମନ୍ତ୍ରୀ ଓ ଅଧିକାରୀମାନେ ନିଜ ନିଜ ରାଜ୍ୟରେ ପ୍ରୋତ୍ସାହନ ଦିଅନ୍ତୁ। ଜୁନ୍ ୧ରୁ ଦେଶବ୍ୟାପୀ 'ଖେତ୍ ବଚାଓ ଅଭିଯାନ' ଆରମ୍ଭ ହେବ। ଏଥିରେ ଜମିରେ ସାର ବ୍ୟବହାର, ଆଧୁନିକ ପ୍ରଯୁକ୍ତି ବିଦ୍ୟା ବ୍ୟବହାର, ଉନ୍ନତକିସମର ବିହନ, ସରକାରୀ ଯୋଜନା ବିଷୟରେ ଚାଷୀଙ୍କୁ ଅବଗତ କରାଯିବ। ସବୁ ରାଜ୍ୟ ଫାର୍ମର ଆଇଡି ବ୍ୟବସ୍ଥା ଆପଣାଇବାକୁ ଶ୍ରୀ ଚୌହାନ ଆହ୍ୱାନ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଥିଲେ, ଅଧିକରୁ ଅଧିକ ରାସାୟନିକ ସାର ଏବଂ କୀଟନାଶକର ଉପଯୋଗ ଦ୍ୱାରା ଆମ ମାଟି ଧୀରେ ଧୀରେ ବିଷାକ୍ତ ହେବାରେ ଲାଗିଛି। ତେଣୁ ଆମକୁ ପ୍ରାକୃତିକ କୃଷିକୁ ଆପଣାଇବାକୁ ହେବ। ମୁଖ୍ୟମନ୍ତ୍ରୀ କହିଥିଲେ, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତିରେ ବର୍ତ୍ତମାନ ଓଡ଼ିଶାର ଜୈବିକ ଚାଉଳ ବ୍ୟବହାର କରାଯାଉଛି। ଏହା ଓଡ଼ିଶାବାସୀଙ୍କ ପାଇଁ ବଡ଼ ଗୌରବର ବିଷୟ ଏବଂ ଆଗାମୀ ଦିନରେ କେମିତି ପୂର୍ବ ପ୍ରାନ୍ତରେ ଅଧିକରୁ ଅଧିକ ଜୈବିକ ଚାଷ ହୋଇପାରିବ, ସେଥିପାଇଁ ବ୍ୟାପକ ଗବେଷଣା କରିବାକୁ ସେ କୃଷି ବୈଜ୍ଞାନିକମାନଙ୍କୁ ଆହ୍ୱାନ ଦେଇଥିଲେ। ଦେଶର ଅନ୍ୟ ଅଞ୍ଚଳ ତୁଳନାରେ ପୂର୍ବ ଭାରତରେ କୃଷି ଉତ୍ପାଦନ କମ୍ ଥିବାରୁ ଏହି କ୍ଷେତ୍ରରେ ଉନ୍ନତି ଆଣିବାକୁ ହେବ। ଏଥିପାଇଁ ସମ୍ମିଳନୀରେ ଭାଗ ନେଇଥିବା ୫ଟି ରାଜ୍ୟ ପରସ୍ପରର ଶ୍ରେଷ୍ଠ ପ୍ରଣାଳୀ ଆପଣାଇବା ନେଇ ବିଚାରବିମର୍ଶ ହେବା ଦରକାର ବୋଲି ଶ୍ରୀ ମାଝୀ କହିଥିଲେ। ଏହି ସମ୍ମିଳନୀରେ ଡାଲି ଓ ତୈଳବୀଜ ଉତ୍ପାଦନ ବୃଦ୍ଧି, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ସମନ୍ୱିତ କୃଷି, ପ୍ରାକୃତିକ କୃଷି, ଚାଷୀ ପଞ୍ଜୀକରଣ, ଉଦ୍ୟାନ କୃଷି, କୃଷି ଋଣ, ବିପଣନ ସଂସ୍କାର, ନକଲି କୃଷି ଇନ୍‌ପୁଟ୍ ଉପରେ ନିୟନ୍ତ୍ରଣ ଏବଂ ଚାଷୀଙ୍କ ଆୟ ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ବିହାର କୃଷିମନ୍ତ୍ରୀ ବିଜୟ କୁମାର ସିହ୍ନା, ଛତିଶଗଡ଼ର କୃଷିମନ୍ତ୍ରୀ ରାମବିଚାର ନେତାମ ପ୍ରମୁଖ ଉପସ୍ଥିତ ଥିଲେ। ଏମାନଙ୍କ ସହିତ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ଓ ଭାଗୀରଥ ଚୌଧୁରୀ, ପଶ୍ଚିମବଙ୍ଗର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅଶୋକ କୀର୍ତ୍ତନିଆ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗର ସଚିବ ଅତିଶ ଚନ୍ଦ୍ର, କେନ୍ଦ୍ରୀୟ କୃଷି ଗବେଷଣା ଓ ଶିକ୍ଷା ବିଭାଗର ସଚିବ ମାଙ୍ଗିଲାଲ୍ ଜାଟ୍ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସମ୍ମିଳନୀର ଉଦ୍ଦେଶ୍ୟ ଏବଂ ସରକାରଙ୍କ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ।

## ଖରିଫ ଧାନ ସଂଗ୍ରହରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପ୍ରାଥମିକତା

ଭୁବନେଶ୍ୱର: ରାଜ୍ୟରେ ଆସନ୍ତା ଖରିଫ୍ ବିପଣନ ଋତୁ (କେଏମ୍‌ଏସ୍) ୨୦୨୬-୨୭ ପାଇଁ ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଦୃଢ଼ ଓ ସ୍ୱଚ୍ଛ କରିବାକୁ ସୋମବାର ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ଅଧ୍ୟକ୍ଷତା କରି, ଧାନ କିଣାବେଳେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସ୍ୱାର୍ଥ ରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ, ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସମେତ ବିଭାଗୀୟ ସଚିବମାନେ ଉପସ୍ଥିତ ଥିଲେ। ବୈଠକରୁ ମିଳିଥିବା ସୂଚନାରେ, ଧାନ ସଂଗ୍ରହରେ ଦଲାଲି ଏବଂ ବେଆଇନ କାରବାର ରୋକିବା ପାଇଁ ସରକାର କେତେକ କଠୋର ନିୟମ ଲାଗୁ କରିଛନ୍ତି। ଜିଲ୍ଲାପାଳମାନେ ପ୍ରତିଦିନ ଏହାର ସମୀକ୍ଷା କରିବେ। ବାହାର ରାଜ୍ୟର ଧାନ ଯେପରି ଓଡ଼ିଶା ମଣ୍ଡିକୁ ନଆସେ ସେଥିପାଇଁ ସୀମା ସିଲ୍ କରାଯିବ। ମଣ୍ଡିରେ ଚାଷୀଙ୍କ ପରିଚୟ ସଠିକ ଭାବେ ଯାଞ୍ଚ କରିବା ପାଇଁ 'ଆଇରିସ୍' (ଆଖି ଡୋଳା ସ୍କାନ) ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଇଛି ଏବଂ କେବଳ ମଣ୍ଡି ଭିତରେ ହିଁ ଧାନ ଓଜନ କରାଯିବ। ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ୨୪ ଘଣ୍ଟିଆ ସମୟସୀମା ଧାର୍ଯ୍ୟ ହୋଇଛି, ଯାହାକୁ ନୋଡାଲ ଅଫିସରମାନେ ତଦାରଖ କରିବେ। ଏଥି ସହିତ ଚାଷୀମାନେ ନିଜର ଅଭିଯୋଗ ଟୋଲ୍-ଫ୍ରି ନମ୍ବର ୧୯୬୭ ଜରିଆରେ ସିଧାସଳଖ ଜଣାଇପାରିବେ। ମଣ୍ଡିଗୁଡ଼ିକରେ ଭିତ୍ତିଭୂମିର ସୁଧାର ସହ ଗାଡ଼ିଗୁଡ଼ିକର ସଠିକ ପରିବହନ ପାଇଁ ଭେହିକିଲ୍ ଟ୍ରାକିଂ ସିଷ୍ଟମ ବ୍ୟବହାର କରାଯିବ। ପ୍ରତି ଧାନ ସଂଗ୍ରହ କେନ୍ଦ୍ର (ମଣ୍ଡି)ରେ ଚାଷୀଙ୍କ ପାଇଁ ପିଇବା ପାଣି, ଶୌଚାଳୟ, ବିଶ୍ରାମ ଗୃହ, ଆଲୋକ ଏବଂ ଧାନକୁ ବର୍ଷାରୁ ରକ୍ଷା କରିବା ପାଇଁ ପାଲ (ତାରପୋଲିନ୍) ର ବ୍ୟବସ୍ଥା କରାଯିବ। ଧାନ ଓଜନ କରୁଥିବା ଯନ୍ତ୍ରପାତିଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯିବ। ସୂଚନାଯୋଗ୍ୟ ଯେ, ଗତ ବର୍ଷ ତୁଳନାରେ ଏଥର ଧାନ ସଂଗ୍ରହରେ ୫.୪୮% ଏବଂ ଚାଷୀ ସଂଖ୍ୟାରେ ୧୪% ଅଭିବୃଦ୍ଧି ଘଟିଛି। ଏହି ବର୍ଦ୍ଧିତ ଧାନର ସଂରକ୍ଷଣ ପାଇଁ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଅଧିକ ଅମଳ ହେଉଥିବା ଅଞ୍ଚଳରେ ନୂଆ ଗୋଦାମ ଘର ନିର୍ମାଣ କରିବେ। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଶସ୍ୟ ବାଟମାରଣା ରୋକିବ 'ସାର୍ଥକ-ପିଡିଏସ୍': ଶସ୍ୟ ବସ୍ତାରେ ରହିବ କ୍ୟୁଆର କୋଡ୍

ନୂଆଦିଲ୍ଲୀ: ଗରିବ ଲୋକମାନଙ୍କୁ ଦିଆଯାଉଥିବା ଶସ୍ୟର ବ୍ୟାପକ ବାଟମାରଣା ରୋକିବା ଓ ଯୋଗାଣରେ ପାରଦର୍ଶିତା ଆଣିବା ପାଇଁ କେନ୍ଦ୍ର ସରକାର 'ସାର୍ଥକ-ପିଡିଏସ୍' ଯୋଜନା ଆଣିଛନ୍ତି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ଏହାକୁ ମଞ୍ଜୁର କରାଯାଇଛି। ଏହି ଯୋଜନାରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ର ଆଧୁନିକୀକରଣ ହେବ।

ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଏହି ଯୋଜନାକୁ ୨୦୨୬ ଏପ୍ରିଲରୁ ୨୦୩୧ ମାର୍ଚ୍ଚ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବ। ଏହି ପାଞ୍ଚ ବର୍ଷରେ ସେଥିରେ ୨୫,୫୩୦ କୋଟି ଟଙ୍କା ବ୍ୟୟ କରାଯିବ। ଗରିବ ଲୋକମାନଙ୍କ ପାଖରେ ଖାଦ୍ୟଶସ୍ୟ ପହଞ୍ଚାଇବାରେ ପାରଦର୍ଶିତା ଆଣିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ। 'ସାର୍ଥକ-ପିଡିଏସ୍' ଯୋଜନା ଅଧୀନରେ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଗୋଦାମରୁ ଖାଦ୍ୟଶସ୍ୟକୁ ବିଭିନ୍ନ ଜିଲ୍ଲା ଓ ଉଚିତ୍ ମୂଲ୍ୟ ଦୋକାନ ପର୍ଯ୍ୟନ୍ତ ପରିବହନ କରିବାରେ ହେଉଥିବା ଖର୍ଚ୍ଚ ପାଇଁ ରାଜ୍ୟମାନଙ୍କୁ ସହାୟତା ଦିଆଯିବ। ଫଳରେ ରାଜ୍ୟମାନଙ୍କ ଆର୍ଥିକ ବୋଝ କମ୍ ହେବ। ଏହି ଯୋଜନାରେ ନିର୍ମଳା, ଆଶା ଓ ସକ୍ଷମ ନାମରେ ତିନିଟି ପ୍ରଯୁକ୍ତି ଆଧାରିତ ପଦକ୍ଷେପ ମଧ୍ୟ ରହିଛି। 'ନିର୍ମଳ' ଅଧୀନରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ବ୍ୟବହାର କରି ହିତାଧିକାରୀମାନଙ୍କ ଏକ ରେଜିଷ୍ଟ୍ରି ପ୍ରସ୍ତୁତ କରାଯିବ। ଏହା ଜରିଆରେ ପ୍ରକୃତ ହିତାଧିକାରୀଙ୍କ ପାଖରେ ଶସ୍ୟ ପହଞ୍ଚାଇବା ଓ ବାଟମାରଣା ବନ୍ଦ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। 'ଆଶା' ଅଧୀନରେ ହିତାଧିକାରୀମାନଙ୍କ ମତାମତ ସଂଗ୍ରହ କରାଯିବ। 'ସକ୍ଷମ' ଅଧୀନରେ ଶସ୍ୟ ଯୋଗାଣ ପ୍ରକ୍ରିୟାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବ୍ୟବସ୍ଥାକୁ ଡିଜିଟାଇଜ୍ କରାଯିବ। ପ୍ରତି ଶସ୍ୟ ବ୍ୟାଗ୍‌ରେ କ୍ୟୁଆର୍ କୋଡ୍ ଏବଂ ପରିବହନ କରୁଥିବା ଗାଡ଼ିରେ ଜିପିଏସ୍ ରହିବ।

ଶସ୍ୟ ପରିବହନ ଉପରେ ନଜର ରଖିବା ପାଇଁ ଉତ୍ସର୍ଗୀକୃତ ଡିଜିଟାଲ୍ ଡ୍ୟାସ୍‌ବୋର୍ଡ ବିକାଶ କରାଯିବ। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦେଶର ୮୦ କୋଟି ଲୋକଙ୍କ ପାଖରେ ଶସ୍ୟ ପହଞ୍ଚାଉଛନ୍ତି। ବିଭିନ୍ନ ରାଜ୍ୟ ମଧ୍ୟ ଭିନ୍ନ ଭିନ୍ନ ଶସ୍ୟ ଯୋଜନା ଲାଗୁ କରିଛନ୍ତି। ସେହି ସବୁ ଯୋଜନାର ହିତାଧିକାରୀମାନେ ସାର୍ଥକ-ପିଡିଏସ୍ ଦ୍ୱାରା ଉପକୃତ ହେବେ। ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ପରେ ଶସ୍ୟ ଯୋଗାଣରେ କେଉଁଠାରେ ବିଳମ୍ବ ହେଉଛି ତାହାକୁ କର୍ତ୍ତୃପକ୍ଷ ଜାଣିପାରିବେ ଓ ସୁଧାର ପାଇଁ ପଦକ୍ଷେପ ନେଇପାରିବେ।

## ଶୀତଳ ଭଣ୍ଡାର ସ୍ଥାପନ ପାଇଁ ସରକାରଙ୍କର ନାହିଁ ଆନ୍ତରିକତା

ରିଆମାଳ: ଦେବଗଡ଼ଜିଲ୍ଲା ରିଆମାଳ ବ୍ଲକରେ ଆମ୍ବ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହୋଇ କ୍ଷତି ସହୁଥିବା ଅଭିଯୋଗ ହେଉଛି। ପୂର୍ବରୁ କମଳା, ପିଆଜ,ଟମାଟୋ,ବାଇଗଣ ଆଦି ପନିପରିବା ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବା ବେଳେ ବର୍ତ୍ତମାନ ଆମ୍ବ ଚାଷୀ ମଧ୍ୟ କ୍ଷତି ସହୁଛନ୍ତି। ସରକାର ଓ ପ୍ରାଶାସନିକ କ୍ଷେତ୍ରରେ ଅବହେଳା ଯୋଗୁଁ ଆଜି ଯାଏଁ ଜିଲ୍ଲାରେ ଶୀତଳ ଭଣ୍ଡାର ସ୍ଥାପନ ହୋଇ ପାରିଲା ନାହିଁ। ଯାହା ଫଳରେ ଚାଷୀମାନେ ଆଜି ବହୁ ମାତ୍ରାରେ କ୍ଷତି ସହୁଛନ୍ତି। ସରକାର ବାରମ୍ବାର ଏହି ଜିଲ୍ଲାକୁ ଅଣ ଦେଖା କରି ଶୀତଳ ଭଣ୍ଡାରଟିଏ ସ୍ଥାପନ କରି ପାରିଲେ ନାହିଁ। ଶିଳ୍ପବିହୀନ ଦେବଗଡ଼ ଜିଲ୍ଲାରେ ୩ଟି ବ୍ଲକକୁ ନେଇ ଗଠିତ । ସେଥିମଧ୍ୟରୁ ରିଆମାଳ ବ୍ଲକ ଅଧୀନରେ ୨ ଟି ଥାନା ରହିଛି ।୨୬ଟି ଗ୍ରାମ ପଂଚାୟତକୁ ନେଇ ଗଠିତ ହୋଇଥିବା ରିଆମାଳ ବ୍ଲକ ଜନସଂଖ୍ୟାର ଘନତ୍ୱ ରହିଛି । ଶିଳ୍ପ ନ ଥିବାରୁ ଏଠାକାର ଜନସାଧାରଣ କୃଷି ଉପରେ ନିର୍ଭର କରିଥାନ୍ତି। ଧାନ ଚାଷ ପରେ କମଳା, ଆମ୍ବ,ପଣସ, ଟମାଟୋ, ପିଆଜ,ବାଇଗଣ,ଆଳୁ ଆଦି ଫଳ ଓ ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି।

ଏଠାକାର ଚାଷୀ ସବୁବେଳେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଯେଉଁ ସରକାର ଆସିଲେ ମଧ୍ୟ ସବୁବେଳେ ଅବହେଳା ମନୋଭାବ ପ୍ରଦର୍ଶନ କରୁଛନ୍ତି। କେବଳ ଭୋଟ୍ ସମୟରେ ନେତାମାନେ ଆସି ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲି ଯାଉଛନ୍ତି।। ଭୋଟ ସରିଲେ କେହି ହେଲେ ଜିଲ୍ଲା ପ୍ରତି ଥିବା ମୌଳିକ ସମସ୍ୟା ସମାଧାନ ପାଇଁ ଆନ୍ତରିକତା ଦେଖାଉ ନାହାନ୍ତି। ଯାହାକି ଜନ ସାଧାରଣଙ୍କ ବିକାଶରେ ବାଧା ସୃଷ୍ଟି ହେଉଛି। ଅଭାବୀ ବିକ୍ରୀର ଶିକାର ହୋଉଛନ୍ତି ଚାଷୀ ଆଡସ୍,ମଳେହିପଡ଼ା,ଟୁହିଲାମାଳ,ତୁଙ୍ଗାମାଳ,ତାରଙ୍ଗ,ଚଢ଼େଇମରା,କରଲଗା,ପଳସମା,ବାଘବର,ବୁଢ଼ାପାଳ,ତାବଡ଼ା,ଗୁଣ୍ଡିଆପାଲି ପଞ୍ଚାୟତରେ ଶତାଧିକ ଆମ୍ବ ଚାଷୀ ଆମ୍ବ ଚାଷ କରୁଛନ୍ତି। ଆମ୍ବ ଚାଷ କରି ଆତ୍ମନିର୍ଭରଶୀଳ ହେଇ ଆସୁଥିବା ବେଳେ ସରକାରଙ୍କ ପକ୍ଷରୁ ବିକ୍ରି ବଟାର ସୁବିଧା ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ କ୍ଷତି ସହୁଛନ୍ତି। ବର୍ଷ ବର୍ଷ ଧରି ଏହି ଚାଷ ହେଉଥିଲେ ହେଁ ବ୍ଲକ୍ ରେ ଆଜି ପର୍ଯ୍ୟନ୍ତ ବିକ୍ରିବଟାର ସୁବିଧା ହୋଇ ପାରି ନାହିଁ। ଅନ୍ୟପକ୍ଷରେ ଗଛରେ ବଉଳ ଆସିବା ଠାରୁ ବର୍ତ୍ତମାନ ଗଛରେ ରୋଗ,ପୋକ ସହ କାଳବୈଶାଖୀ ଲାଗି ରହୁଥିବାରୁ ବହୁ ଆମ୍ବ ଝଡ଼ି ପଡୁଛି। ଏବେ ଆମ୍ବ ପାଚି ପାଚି ମଧ୍ୟ ଝଡ଼ି ପଡୁଛି। ବିକ୍ରିବଟାର ସୁବିଧା ନ ଥିବାରୁ ସ୍ୱଳ୍ପ ମୂଲ୍ୟରେ ଅଭାବି ବିକ୍ରି କରି ଚାଷୀ କ୍ଷତି ସହୁଛନ୍ତି । ଫଳରେ ଏସବୁ ସମସ୍ୟା ପାଇଁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଶୀତଳ ଭଣ୍ଡାର ଟିଏ ହେଲେ ସିଜିନର ପରେ ମଧ୍ୟ ଆମ୍ବ ସହ କମଳା , ଟମାଟୋ, ପିଆଜ ସମେତ ବିଭିନ୍ନ ଫଳ ଓ ପନିପରିବା ରଖି ବିକ୍ରିବଟା କରି ଭଲ ରୋଜଗାର କରି ବେଶ ଆତ୍ମନିର୍ଭରଶୀଳ ହୋଇ ପାରନ୍ତେ ଏଥିରେ ସନ୍ଦେହ ନାହିଁ।


Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 8280000007, Printed at Om printers,Mancheswar Industrial Estate, Bhubaneswar - 751010

**Chief Editor: Sirdhartha Roy**

ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

**Editor - Monalisa Das**

ସମ୍ପାଦିକା: ମୋନାଲିସା ଦାସ